## ସଂକ୍ଷେପରେ

### ଚୋରି ମିକ୍ସଚର ମେଶିନ ଜବତ



ମୋରଡ଼ା,୨୬।୮(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ଚୋରି ହୋଇଥିବା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଏକ ଲିଫ୍ଟ ମିକ୍ସଚର ମେଶିନ ଜବତ କରିଛି।

ସୂଚନାଅନୁଯାୟୀ, ମୋରଡ଼ା ଥାନା ଅଧୀନ କୋହି ପଞ୍ଚାୟତର ରାଇଡିହା ଗ୍ରାମରେ ବସୁଧା ଯୋଜନାରେ ଏକ ପାଣି ଟାଙ୍କି ନିର୍ମାଣ ଚାଲିଛି। ଏହି କାର୍ଯ୍ୟରେ ବ୍ୟବହୃତ ୪ ଲକ୍ଷ ଟଙ୍କା ମୂଲ୍ୟର ଲିଫ୍ଟ ମିକ୍ସଚର ମେଶିନ ଗତ ୨୪ ତାରିଖ ରାତିରେ ଚୋରି ହୋଇଯାଇଥିଲା। ଏନେଇ ପାଣି ଟାଙ୍କି ନିର୍ମାଣ କରୁଥିବା ବଡ଼ସାହି ଥାନା ଅଧୀନ ଅସ୍ତପୁରା ଗ୍ରାମର ଠିକାଦାର ଶରତ ମହାନ୍ତ ମୋରଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୨୩୪/୨୪) ରୁଜୁ କରିଥିଲା। ଥାନା ଅଧିକାରୀ ସତ୍ୟନାରାୟଣ ବଳ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବସ୍ତା ଥାନା ଅଧୀନ ଭେଲୁରା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ବାଡ଼ିରୁ ଉକ୍ତ ମେଶିନକୁ ଜବତ କରିଥିଲେ। ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଖୋଳତାଡ଼ ଆରମ୍ଭ କଲା ପୋଲିସ

ଖୁଣ୍ଟା,୨୬।୮(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀନିବାସର ଛାତ୍ରୀ ମଧୁସ୍ମିତା ବେହେରାଙ୍କ ମୃତ୍ୟୁ ଘଟଣାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ମୃତ ଛାତ୍ରୀଙ୍କ ବାପା ପ୍ରଭାକର ବେହେରାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୨୬୬/୨୪) ରୁଜୁ ହେଉଛି। ବିଦ୍ୟାଳୟ ଅଧୀକ୍ଷକ ଗାୟତ୍ରୀ ସେଠୀ ଓ ହଷ୍ଟେଲ ଦାୟିତ୍ୱରେ ଥିବା ୱାର୍ଡେନ୍ ମିନତୀ ମହାପାତ୍ରଙ୍କ ଅବହେଳାରୁ ମଧୁସ୍ମିତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗରେ ଦର୍ଶାଯାଇଛି।



ଛାତ୍ରୀ ନିବାସରେ ପୋଲିସ ତଦନ୍ତ କରୁଛି।

### ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ ଘଟଣା

କପ୍ତିପଦା ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ସସ୍ମିତା ମୁର୍ମୁ ଓ ଏସ୍‌ଆଇ ସନ୍ତୋଷ ପ୍ରଧାନ ସୋମବାର ଖୁଣ୍ଟା କସ୍ତୁରବା ବିଦ୍ୟାଳୟରେ ପହଞ୍ଚି ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ସମୟରେ ପୋଲିସ ମୃତ ଛାତ୍ରୀଙ୍କ ସହପାଠିନୀ ଓ କେତେକ କର୍ମଚାରୀମାନଙ୍କୁ ପଚରା ଉଚରା କରି ଫେରିଥିବା ଜଣାପଡ଼ିଛି। ତେବେ ଆଗକୁ ଏହି ଘଟଣାରେ ଅଧିକ ବ୍ୟକ୍ତିଙ୍କୁ ତଦନ୍ତ ପରିସରକୁ ନିଆଯିବ ବୋଲି ପୋଲିସ ସୂଚନା ଦେଇଛି।

# ଦେବୀ ଦୁର୍ଗାଙ୍କ ମୂର୍ତ୍ତି ପାଇଁ ମାଟି ଅନୁକୂଳ



ସୋନନଦୀ ଜିରିଡ଼ା ଘାଟରୁ ମାଟି ଅନୁକୂଳ ହୋଇ ଆସୁଛି।

ଉଦଳା,୨୬।୮ (ସନ୍ତୋଷ କୁମାର ବାଛିନୀ)

ଜନ୍ମାଷ୍ଟମୀ ଅବସରରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ପାଇଁ ମାଟି ଅନୁକୂଳ କରାଯାଇଛି। ଉଦଳା ସହର ହାଇସ୍କୁଲ ଛକଠାରେ ପ୍ରତିଷ୍ଠିତ ଆମ ଦୁର୍ଗା ପୂଜା କମିଟି ତରଫରୁ ସୋମବାର ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ କରାଯାଇଥିଲା। ସହର ତଳି ଅଞ୍ଚଳରେ ପ୍ରବାହିତ ସୋନନଦୀ ଜିରିଡ଼ା ଘାଟଠାରେ ମାଟି ଅନୁକୂଳ କରାଯାଇ ହନୁମାନ ମନ୍ଦିରରେ ଶ୍ରଦ୍ଧାର ସହିତ ମାଟି ରଖାଯାଇଥିଲା। ସୂଚନାଯୋଗ୍ୟ, ପରମ୍ପରା ଅନୁଯାୟୀ ଦେବୀ ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି କାମରେ ଏହି ପବିତ୍ର ମାଟି ବ୍ୟବହାର ହୋଇଥାଏ । ମାଟି ପୂଜାରେ ମୁଖ୍ୟ କର୍ତ୍ତା ଭାବେ ମନୋଜ କୁମାର କମିଲା ପୂଜା କର୍ମ ସମ୍ପନ୍ନ କରିଥିଲେ। ଘଣ୍ଟ, ଶଙ୍ଖ ଧ୍ୱନିରେ ଭକ୍ତି ଶ୍ରଦ୍ଧାର ସହିତ ମାଟି ପୂଜନ କରାଯାଇଥିଲା। କମିଟିର ସଭାପତି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ବରିଷ୍ଠ ସଦସ୍ୟ ଇଂ. ମାନସ ରଞ୍ଜନ ମହାନ୍ତି, ଅମୀୟ କୁମାର ବଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ରଞ୍ଜନ ମହାନ୍ତି, ଆଶିଷ ମହାନ୍ତି, ବିଜୟ କୁମାର ପଣ୍ଡା, କୁଳମଣୀ ବେହେରା, ମୁରଲୀ ଶିଅଳ, ଅଶୋକ କୁମାର ଦାସ, ଅବୁଜ ବନ୍ଧୁ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# 'ସଂସ୍କୃତି, ପରମ୍ପରାର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର'



ରାଧାକୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ରମାନେ।

ବାରିପଦା,୨୬।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ବେଲପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କୃଷ୍ଣ ଓ ରାଧା ବେଶରେ ନିଜକୁ ସୁସଜ୍ଜିତ କରି ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ପ୍ରଦାନ କରିଥିଲେ। ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ନିମନ୍ତେ ପ୍ରଭୁ ଶ୍ରୀକୃଷ୍ଣ ମାନବ ରୂପ ଧାରଣ କରି ପୃଥିବୀର ସମସ୍ତ କଲୁଷକୁ ନାଶ କରିଥିଲେ। ଆଜିର ଦିନରେ କର୍ମଯୋଗୀ ହୋଇ ରାଷ୍ଟ୍ରର ସେବା କରିବା ହେଉଛି ପ୍ରକୃତ କର୍ମଯୋଗ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଗୁରୁମା ଗୁରୁଜୀମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ମା' ବାଗ୍‌ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମାତୃଭାରତୀର ସଦସ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶାଶ୍ୱତୀ ଦାସ ମହାପାତ୍ର ଉପସ୍ଥିତ ରହି ଜନ୍ମାଷ୍ଟମୀ ପାଳନର ମହତ୍ତ୍ୱ ଓ ଗାଥା ବର୍ଣ୍ଣନା କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ଗାଁ ପରିକ୍ରମା କରିବା ପରେ ବିଲ୍ୱେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇ ଦେବ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା ସମିତି ଉପ ସଭାପତି ରସାନନ୍ଦ ବଳ, ପ୍ରତିଷ୍ଠାତା ପ୍ରବୋଧ କୁମାର ଭୂୟାଁ, ସଞ୍ଜୟ କୁମାର ଜେନାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

# ରାଇରଙ୍ଗପୁରରେ ଜନ୍ମାଷ୍ଟମୀ ପାଳିତ

ରାଇରଙ୍ଗପୁର,୨୬।୮(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସହରାଞ୍ଚଳସ୍ଥିତ ଜଗନ୍ନାଥ ମନ୍ଦିର, ମାଉସୀ ମା' ମନ୍ଦିର, ରାଧାକୃଷ୍ଣ ମନ୍ଦିର ଏବଂ ଅଁଳାଡୁବାସ୍ଥିତ ରଘୁନାଥ ଜୀଉ ମଠ ପରିସର ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ସହରାଞ୍ଚଳର ବିଭିନ୍ନ ମନ୍ଦିରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ମହିଳା ଏବଂ ପୁରୁଷ ପୂଜାର୍ଚ୍ଚନା କରିଥିଲେ। ଏହା ବ୍ୟତୀତ ବାଦାମ ପାହାଡ଼, ଗୋରୁମହିଷାଣୀ, ହାଟାବାଦଡ଼ା ଏବଂ ବିଜାତଳା ଅଞ୍ଚଳରେ ମଧ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

# ଚିତ୍ରଡ଼ା ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଦୁର୍ଗାପୂଜା କମିଟିର ସଦସ୍ୟମାନେ।

ମୋରଡ଼ା,୨୬।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାଠାରେ ଶାରଦୀୟ ଦୁର୍ଗାପୂଜା ଆୟୋଜନ ପାଇଁ ରବିବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ଯୋଜନା ପ୍ରସ୍ତୁତ କରିବା ଲାଗି ପ୍ରସ୍ତାବ ଆଗତ କରାଯାଇଥିଲା। ସେହିପରି ବଜେଟ ପ୍ରସ୍ତୁତ କରାଯିବା ସହିତ ପୂଜା, ସାଜସଜ୍ଜା, ମନୋରଞ୍ଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା। ଉଲ୍ଲେଖଯୋଗ୍ୟ, ମୋରଡ଼ା ନିର୍ବାଚନମଣ୍ଡଳୀରେ ଚିତ୍ରଡ଼ା ଦୁର୍ଗାପୂଜା ଆକର୍ଷଣୀୟ ହୁଏ। ଚଳିତ ବର୍ଷ ଅଧିକ ଆକର୍ଷଣୀୟ କରାଯିବା ସହିତ ଶାନ୍ତିଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି କର୍ମକର୍ତ୍ତାମାନେ ସ୍ଥିର କରିଥିଲେ। କମିଟିର ସଦସ୍ୟ ମୃତ୍ୟୁଞ୍ଜୟ ସେନାପତି, ଅମରେନ୍ଦ୍ର ସିଂବାବୁ, ଅମ୍ବୁଜ କୁମାର ମହାନ୍ତ, ଜୟନ୍ତ ବେହେରା, ହରିଆ ପାତ୍ର, ସିପୁ ସାହୁ, ମନୁ ଦାସ, ସତୁ ଖଣ୍ଡେଲୱାଲ, ଶଶାଙ୍କ ଶେଖର ମିଶ୍ର, ଜୀନା ବେହେରା, ପ୍ରବୋଧ କୁମାର ରାୟବାବୁ, ଜୁଲୁ ସାହୁ, ଅଶେଷ କୁମାର ମହାନ୍ତ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାଧା କୃଷ୍ଣ ବେଶ ପ୍ରତିଯୋଗିତା

ବଡ଼ସାହି,୨୬।୮(ସସ୍ମିତ କୁମାର ରାଉତ)- ମୟୂରଭଞ୍ଜ ଜିଲା ବଡ଼ସାହିସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ( ଆବାସିକ) ଓ ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଡ. କୁମାର ବାବୁଲିଙ୍କ ସଭାପତିତ୍ୱ ଓ କବି କାର୍ତ୍ତିକ ସେଠୀଙ୍କ ସଂଯୋଜନାରେ 'ମହିମାମୟ ଶ୍ରୀକୃଷ୍ଣ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଡ. ସୁଇଟି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିବଶଙ୍କର ଭୂୟାଁ, ଜୁଏଲ ମହାନ୍ତି, ଶାନ୍ତା ପ୍ରଧାନ, ଦେବୀ ବେହେରା, ଜାନକୀ ଆଚାର୍ଯ୍ୟ, ମିନତୀ ଘୋଷ ଓ ଜ୍ୟୋତି ଶଙ୍କର ମହାପାତ୍ର କୃଷ୍ଣଙ୍କ ବିଚିତ୍ର ମହିମା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଗୁରୁମା ସୋନାକ୍ଷି ଦଣ୍ଡପାଟ ଓ ମଳୟ ମଞ୍ଜରୀ ରଥଙ୍କ ପରିଚାଳନାରେ କୃଷ୍ଣ ଓ ରାଧା ବେଶ ସହିତ ଆଧ୍ୟାତ୍ମିକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟବେକ୍ଷକ ଭାବେ ବୃନ୍ଦାବତୀ ନାଏକ, ନମ୍ରତା ବାରିକ, ପ୍ରିୟଙ୍କା ମହାନ୍ତ ଓ ରଶ୍ମିତା ମହାନ୍ତ ଯୋଗଦାନ କରିଥିଲେ। କୃଷ୍ଣ, ରାଧା ବେଶ ସହିତ ଦେବକୀ, ନନ୍ଦରାଜା, ବସୁଦେବ, ଯଶୋଦା, କଂସ, ବକାସୁର , ଶକଟାସୁର ଓ ପୁତନା ବେଶ ଧାରଣ କରି ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ପରିଚାଳନା କରିଥିଲେ। ଶତେଲିନା ମିଶ୍ର, ନିହାରିକା ପାତ୍ର, ବୀଣାପାଣି ବାରିକ, ସବିତା ମହାନ୍ତି ଓ ସୌଭାଗ୍ୟବତୀ ରାଉତ ସହଯୋଗ କରିଥିଲେ। ଗୁରୁଜୀ ଦୀପକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଙ୍ଗିରିପୋଷି ଶିଶୁ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

ବାଙ୍ଗିରିପୋଷି,୨୬।୮(ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ପ୍ରଭାସିନୀ ନନ୍ଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଦାସ, ଅନ୍ୟତମ ଅତିଥିଭାବେ ପରିଚାଳନା ସମିତିର ସହ ସମ୍ପାଦକ କିଶୋର ମୋହନ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ଦୀନବନ୍ଧୁ ମହାନ୍ତ, ଗୁରୁମା ମୃଣ୍ମୟୀ ମିଶ୍ର, ପ୍ରଭାତୀବାଳା ପଣ୍ଡା, ପ୍ରଣତୀ ମହାନ୍ତଙ୍କ ସମେତ ପରିଚାଳନା ସମିତିର ସଭାପତି ଦୋଳଗୋବିନ୍ଦ ବେହେରା ଓ ସମ୍ପାଦକ କିଶୋର ମୋହନ ବେହେରା ବିଚାରକ ମଣ୍ଡଳୀ ଭାବେ ବେଶ ପ୍ରତିଯୋଗିତାରେ ଯୋଗଦେଇଥିଲେ। ଆଚାର୍ଯ୍ୟ ଚନ୍ଦ୍ର ମୋହନ ନନ୍ଦ ଅତିଥି ପରିଚୟ ପ୍ରଦାନ ଓ ଆଚାର୍ଯ୍ୟା ସାବିତ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ଦିରରେ ଭିଡ଼ ଜମାଇଲେ ଶ୍ରଦ୍ଧାଳୁ

ବାରିପଦା,୨୬।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜନ୍ମାଷ୍ଟମୀ ପାଇଁ ମୟୂରଭଞ୍ଜ ଜିଲା ଉତ୍ସବମୁଖର ହୋଇଉଠିଛି। ବାରିପଦାସ୍ଥିତ ମଠମନ୍ଦିରଗୁଡ଼ିକରେ ଉତ୍ସାହର ସହ ଏହାକୁ ପାଳନ କରାଯାଉଛି। ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବରେ ସୋମବାର ପ୍ରତ୍ୟୁଷରୁ ଠାକୁରଙ୍କ ରୀତିନୀତି ସମ୍ପନ୍ନ ହେବା ପରେ ଭକ୍ତଙ୍କ ଦର୍ଶନ ଲାଗି ରହିଥିଲା । ସହରସ୍ଥିତ ରାଧାମୋହନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ରତ୍ନ ମଣ୍ଡପରେ ରାଧାମୋହନ ସୁନ୍ଦର ବେଶରେ ସଜ୍ଜିତ ହେବା ପରେ ଦିନ ତମାମ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତମାନେ ପୂଜାର୍ଚ୍ଚନା କରି ପ୍ରଭୁଙ୍କ ଆଶିଷ କୃପା ଲାଭ କରିଥିଲେ। ସେହିପରି ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ଭକ୍ତଙ୍କ ଗହଳି ଦେଖାଯାଇଥିଲା। ଶ୍ରଦ୍ଧାଳୁମାନେ ଦିଅଁ ଦର୍ଶନ କରିବା ପରେ ମନ୍ଦିର ପରିସରରେ ଦୀପ ଜାଳି ଶୁଭ ମନାସୁଥିବା ଦେଖିବାକୁ ମିଳିଥିଲା।



ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁମାନେ।

SEA SPRINT SERVICES PRIVATE LIMITED
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

TENDER NOTICE
No. NINI/SSSPL/MOCK-UP UNIT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
| --- | --- | --- |
| 1. | Fire Fighting Mock-up Drill Structure with Equipment | 40.00 Lakhs |

Last date of sale of Tender Document is 10.09.2024. Last date of Tender Submission is 10.09.2024 upto 15:00 Hrs. Date of Technical Bid opening is 10.09.2024 at 15:30 Hrs. Cost of Tender Document is Rs. 500/-. The above costs are inclusive of all taxes/excise and for CTI/NINI basis. Tender Document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.
SSSPL

# ରାଧାକୃଷ୍ଣ ବେଶଧାରୀ ଛାତ୍ରୀଛାତ୍ରଙ୍କ ସହର ପରିକ୍ରମା

ଉଦଳା,୨୬।୮(ସନ୍ତୋଷ କୁମାର ବାଛିନୀ)

ଜନ୍ମାଷ୍ଟମୀ ଅବସରରେ ଉଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ କୁନି କୁନି ଛାତ୍ରୀଛାତ୍ରୀମାନଙ୍କୁ ନେଇ ରାଧା କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ବେଶଧାରୀ ଛାତ୍ରୀଛାତ୍ର ଗୁରୁମା, ଗୁରୁଜୀଙ୍କ ସହ ସହର ପରିକ୍ରମା କରିଥିଲେ। ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମଧ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସକାଳ ୭ଟାଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ଶେଷ ହୋଇଥିଲା। ଅତିଥି ଭାବେ ଶିକ୍ଷକ ସୁନାଧର ପୃଷ୍ଟି ଯୋଗଦେଇ ବେଶଧାରୀ କୁନି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଶିବଶଙ୍କର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ବେଶ ପ୍ରତିଯୋଗିତାରେ ୬୮ ଜଣ କୁନି ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶେଷରେ ଏକ ସଭାର ଆୟୋଜନ କରାଯାଇଥିଲା । ସହ ପ୍ରଧାନ ଆଚାର୍ଯ୍ୟ ରଣଜିତ୍ ହାତୀ ଧନ୍ୟବାଦ ଦେଇଥିଲେ ।



ରାଧାକୃଷ୍ଣ ବେଶଧାରୀ ଛାତ୍ରୀଛାତ୍ରମାନେ।

# କାମରେ ଲାଗୁନି ସୋଲାର ଲାଇଟ୍ ବ୍ୟବସ୍ଥା

### କରଞ୍ଜିଆ ଡାକ୍ତରଖାନା

କରଞ୍ଜିଆ,୨୬।୮(କବିତା ମହାନ୍ତ): ପାଞ୍ଚପୀଢ଼ ଉପଖଣ୍ଡର ସବୁଠୁ ବଡ଼ ଓ ଜିଲାର ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ସୋଲାର ଲାଇଟ୍ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଫଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଗଲେ ଅନେକ ମେଶିନ ଅକାମି ହୋଇଯାଉଛି। ଏହି ଡାକ୍ତରଖାନା ଉପରେ ପ୍ରତ୍ୟହ ଅନେକ ଶହ ରୋଗୀ ନିର୍ଭର କରିଥାନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ଏହି ଡାକ୍ତରଖାନାରେ ରୋଗୀଙ୍କୁ ଅଧିକ ସେବା ଯୋଗାଇବା ଉଦ୍ଦେଶ୍ୟରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଛି। ଡାକ୍ତରଖାନାରେ ବିଜୁଳି ଚାଲିଗଲେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। ମାତ୍ର ଦୀର୍ଘ ଦିନ ହେବ ସମସ୍ତ ସୋଲାର ପ୍ୟାନେଲ ଲଗାଯାଇଥିବା ବେଳେ ତାହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ତୁରନ୍ତ ସୋଲାର ଲାଇଟ୍ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହେଉଛି।

# ମୟୂରଭଞ୍ଜ କୃଷି ବିଜ୍ଞାନ କେନ୍ଦ୍ର ପୁରସ୍କୃତ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

ବାରିପଦା,୨୬।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଗୁଣାତ୍ମକ ବିହନ ଓ ସୁସ୍ଥ ଚାରା ଉତ୍ପାଦନ ବର୍ଗରେ ମୟୂରଭଞ୍ଜ ଜିଲା(୧) ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରକୁ ରାଜ୍ୟର ଶ୍ରେଷ୍ଠ ୫୩ଟି କେନ୍ଦ୍ର ମଧ୍ୟରୁ ଯୋଗ୍ୟ ବିବେଚନା କରାଯାଇଛି। ଏ ନେଇ ରାଜ୍ୟ କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରକୁ ପୁରସ୍କାର ପ୍ରଦାନ କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବୈଜ୍ଞାନିକ ଡ.ସଂଘମିତ୍ରା ପଟ୍ଟନାୟକ ମାନପତ୍ର ଓ ଟ୍ରଫି ଗ୍ରହଣ କରିଛନ୍ତି।

କୃଷି ବିଜ୍ଞାନ କେନ୍ଦ୍ର ଫାର୍ମରେ ଥିବା ୧୪ ହେକ୍ଟର ପରିମିତ ଜମିରେ ଧାନର ପିଣ୍ଡ ବିହନ ଉତ୍ପାଦନ ଜାରି ରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଧାନର କିସମ କଳାଚମ୍ପାର ପିଣ୍ଡ ବିହନ ଉତ୍ପାଦନରେ ୭୦୦.୨ କୁଇଣ୍ଟାଲ ଅମଳ ହୋଇ ପାରିଥିଲା। ଯାହାର ଉତ୍ପାଦନ କ୍ଷମତା ୫୦.୦୧ କୁଇଣ୍ଟାଲ ହେକ୍ଟର ପ୍ରତି ହୋଇପାରିଛି। ଉନ୍ନମାନର ଅଧିକ ଅମଳକ୍ଷମ ପନିପରିବା ଚାରା, ଫଳ, ଫୁଲ ଚାରାକୁ ହାରାହାରି ୪ଲକ୍ଷ ପର୍ଯ୍ୟନ୍ତ ଉତ୍ପାଦନ

### ଶ୍ରେଷ୍ଠ ବିହନ ଓ ଚାରା ଉତ୍ପାଦନ

କରାଯାଇ ଚାଷୀଙ୍କୁ ଦିଆଯାଇପାରୁଛି। ସେଥି ମଧ୍ୟରେ ବାଇଗଣ, ବିଲାତି ବାଇଗଣ, ଲଙ୍କା, ସିମଳା ଲଙ୍କା, କୋବି ଜାତୀୟ ପନିପରିବା, ଅମୃତଭଣ୍ଡା, ସଜନା, ଡ୍ରାଗନ ଫଳ, ଗେଣ୍ଡୁଫୁଲ ଆଦି ଚାରା ଉତ୍ପାଦନ ହୋଇ ଚାଷୀଙ୍କୁ ପ୍ରଦାନ କରାଯାଉଛି। ବିଗତ ବର୍ଷରେ ଆଦିବାସୀ ଉନ୍ନୟନ ଯୋଜନା ମାଧ୍ୟମରେ ୨୦ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ୨ଲକ୍ଷରୁ ଅଧିକ ପନିପରିବା ଓ ଫଳ ଚାରା ମାଗଣାରେ ଯୋଗାଇ ଦିଆଯାଇଛି ।

# ଡେଙ୍ଗୁ ଆତଙ୍କ: ଶହେ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

ଭଦ୍ରକ,୨୬।୮ (ସନାତନ ରାଉତ)

ଭଦ୍ରକ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଗତ ୨ ମାସ ମଧ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଟପିଛି। ଜୁଲାଇରେ ଆକ୍ରାନ୍ତଙ୍କ ସଂଖ୍ୟା ୩୧ ଥିବାବେଳେ ଅଗଷ୍ଟରେ ଏପର୍ଯ୍ୟନ୍ତ ୭୬ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲାରେ ମୋଟ ୧୧୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ପୂର୍ବରୁ ଏପ୍ରିଲରେ ଜଣେ, ମେ ରେ ୭ ଓ ଜୁନ୍‌ରେ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ମୋଟ ୧୧୭ ଆକ୍ରାନ୍ତଙ୍କ ମଧ୍ୟରୁ ବାହାରୁ ଆସିଥିବା ୫୮ଜଣ ଏବଂ ସ୍ଥାନୀୟ ଅଞ୍ଚଳରୁ ୫୯ଜଣ ଚିହ୍ନଟ ହୋଇଛନ୍ତି।



ଚାନ୍ଦବାଲି ଏନ୍‌ଏସି ଅଞ୍ଚଳରେ ଧୂଆଁ ସ୍ପ୍ରେ କରାଯାଉଛି।

ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ଜିଲାର ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସର୍ବାଧିକ ୩୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୧୬, ତିହିଡ଼ି ଅଧୀନରେ ୧୭, ବରପଦାରେ ୧୧, ଧାମନଗରରେ ୧୨, ବାସୁଦେବପୁରରେ ୧୪, ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସର୍ବନିମ୍ନ ୫ ଓ ଭଦ୍ରକ ପୌରପାଳିକାରେ ୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚାନ୍ଦବାଲି ଅଞ୍ଚଳକୁ ବେଶୀ ଗୁରୁତ୍ୱ ଦିଆଯାଇ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଟିମ୍ ପଠାଯାଇଥିବା ବେଳେ ଅନ୍ୟ ସମସ୍ତ ଅଞ୍ଚଳରେ ଲୋକଙ୍କୁ ସଚେତନ କରାଯିବା ସହ ଆକ୍ରାନ୍ତମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଛି। ସେସବୁ ଅଞ୍ଚଳରେ ପରିବେଶ ପରିଷ୍କାର ରଖିବା ସହ ମଶା ବଂଶ ବୃଦ୍ଧି ନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା କହିଛନ୍ତି।

## ସଂକ୍ଷେପରେ

### ବ୍ୟାଟେରି ଚୋରି ବେଳେ ଧରିଲେ ଲୋକେ

ଭଣ୍ଡାରିପୋଖରୀ,୨୬।୮ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ୧୬ ନଂ. ଜାତୀୟ ରାଜପଥର କହରାପୋଖରୀଠାରେ ଗାଡ଼ିରୁ ବ୍ୟାଟେରି ଚୋରି କରୁଥିବା ବେଳେ ୨ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସୋମବାର ମଧ୍ୟାହ୍ନ ୧୨ଟା ବେଳେ ସେମାନେ ରାଜପଥ ସର୍ଭିସ ରୋଡ୍‌ର କୁନ୍ତଳା ଟେଡର୍ସ ସମ୍ମୁଖରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ତଳେ ବ୍ୟାଟେରି ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକେ ଦେଖିଥିଲେ। ଟ୍ରକ୍‌ରୁ ୨ଟି ୨୪ ଭୋଲ୍ଟ ବ୍ୟାଟେରି ଖୋଲି ବାଇକ୍‌ରେ ରଖୁଥିବା ସମୟରେ ଲୋକେ ସେମାନଙ୍କୁ କାବୁ କରି ନେଇଥିଲେ। ୨ ଯୁବକ ଧାମନଗର ଥାନା ଅଧୀନ ହବିବନଗର ଅଞ୍ଚଳର। ୮ ଦିନ ପୂର୍ବେ ଅନୁରୂପ ଭାବେ ଏକ ଟ୍ରକ୍‌ରୁ ୨ଟି ୨୪ ଭୋଲ୍ଟ ବ୍ୟାଟେରି ସମାନ ଢଙ୍ଗରେ ଚୋରି ହୋଇଥିଲା। ଏନେଇ ଶମ୍ଭୁନାଥ ବେହେରା ଥାନାରେ ଅଭିଯୋଗ କରିଥିଲେ। ସୋମବାର ମଧ୍ୟ ସେ ଥାନାରେ ଅଭିଯୋଗ କରିଛନ୍ତି।

### ଶ୍ରାଦ୍ଧବାର୍ଷିକୀରେ ପାଲାକାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାସୁଦେବପୁର,୨୬।୮ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ପୂର୍ବତନ ପାଲାକାର ସ୍ୱର୍ଗତ ଅମରନାଥ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ପଦ୍ମପୁରସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ଆନୁକୂଲ୍ୟରେ ସଭାପତି ସନାତନ ପୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁ ସୁବାସ ଚନ୍ଦ୍ର ମଲିକ ଯୋଗ ଦେଇଥିଲେ। ପାଲାକୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ପ୍ରଚାର ପ୍ରସାର କରିବା କ୍ଷେତ୍ରରେ ଦୃଷ୍ଟିହୀନ ଗାୟକ ଅମରନାଥଙ୍କ ବିଶେଷ ଭୂମିକା ଥିଲା। ବିଦଗ୍ଧ ସାହିତ୍ୟକୁ ସେ ଶୁଣି ଶୁଣି ଅତି ନିଖୁଣ ଭାବେ ସାଥୀ କଳାକାରମାନଙ୍କୁ ନେଇ ପାଲା ପରିବେଷଣ କରି ସୁନାମ ଅର୍ଜନ କରିପାରିଥିଲେ ବୋଲି ମୁଖ୍ୟଅତିଥି କହିଥିଲେ। ବରିଷ୍ଠ ପାଲାଗାୟକ ତଥା ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁ, ନୀଳକଣ୍ଠ ପାତ୍ର, କୈଳାସ ଚନ୍ଦ୍ର ମହାନ୍ତି, ମଣ୍ଡଳର ସମ୍ପାଦକ କପିଳନାଥ ଶର୍ମା, ଖଗେଶ୍ୱର ମହାନ୍ତି, ବାବୁଲି ନାୟକ, ଦୀନବନ୍ଧୁ ନାୟକ, ପଦ୍ମଲୋଚନ ସ୍ୱାଇଁ, ସ୍ୱର୍ଗତ ନାୟକଙ୍କ ପୁତ୍ର ସୁବାସ ଚନ୍ଦ୍ର ନାୟକ, ପୁତ୍ରବଧୂ ନମିତା ନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ନାୟକଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି।

### ଭଦ୍ରକ ବୈଦିକ ବ୍ରାହ୍ମଣ ପରିଷଦର ସମାରୋହ

ଭଣ୍ଡାରିପୋଖରୀ,୨୬।୮ (ରାଜେନ୍ଦ୍ର ଶତପଥୀ)

ଭାରତବର୍ଷରେ ଆର୍ଯ୍ୟ ସଂସ୍କୃତି, ସନାତନ ଧର୍ମ, ବୈଦିକ ଚେତନାର ସୁରକ୍ଷା ବ୍ରାହ୍ମଣ ସମାଜର ଲକ୍ଷ୍ୟ ହେଉ ବୋଲି ସ୍ଥାନୀୟ ବାରିକପୁର ବଜାର ଶ୍ରୀରାମ ମନ୍ଦିର ପରିସରରେ ଆୟୋଜିତ ଭଦ୍ରକ ବୈଦିକ ବ୍ରାହ୍ମଣ ପରିଷଦର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୋମବାର କାଶୀନାଥ ପଣ୍ଡାଙ୍କ ପୌରୋହିତ୍ୟ ଓ ଅଧ୍ୟାପକ ନୀହାର ରଞ୍ଜନ କରଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ରୋଟାରିଆନ ଶିଶିର କୁମାର ମିଶ୍ର ମୁଖ୍ୟଅତିଥି, 'ଅମୃତ ଦର୍ଶନ'ର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦର ସଭାପତି ପଣ୍ଡିତ ନିରଞ୍ଜନ ଦାଶ ବିଶିଷ୍ଟ ଅତିଥି, ସୁଦର୍ଶନ ପଣ୍ଡା, ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦର ସମ୍ପାଦକ ପୀତବାସ ପଣ୍ଡା, ତ୍ରିଲୋଚନ ପଣ୍ଡା, ବିଦ୍ୟାଧର ତ୍ରିପାଠୀ, ସ୍ନେହାଶିଷ ପଣ୍ଡା, ଶ୍ରୀଚନ୍ଦନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ଶ୍ରୀବତ୍ସ କରଶର୍ମା ଓ ଗଦାଧର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଣ୍ଡିତ ପ୍ରଦୀପ କୁମାର ବାନାର୍ଜୀ ଅତିଥି ପରିଚୟ ପ୍ରଦାନ ଓ ସତ୍ୟରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ



ଶ୍ରୀଚୈତନ୍ୟ ଆଶ୍ରମରେ ରାଧାକୃଷ୍ଣ ବେଶରେ ପିଲାମାନେ।

ଭଦ୍ରକ,୨୬।୮ (ସନାତନ ରାଉତ)

ଭଦ୍ରକର ବିଭିନ୍ନ ସ୍ଥାନରେ ସୋମବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବାଲଗୋପାଳ ମନ୍ଦିର, ଶ୍ରୀଚୈତନ୍ୟ ଆଶ୍ରମ, ଲୋକାନାଥ ମନ୍ଦିର, କୁଆଁସସ୍ଥିତ ଇସ୍କନ ମନ୍ଦିର ଓ ମହତାବନଗର ମଙ୍ଗଳା ମନ୍ଦିରରେ ଧୁମ୍‌ଧାମ୍‌ରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଛି। ଏଥିପାଇଁ ଦିବସବ୍ୟାପୀ ପିଲାମାନଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ଓ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବାଲଗୋପାଳ ମନ୍ଦିରରେ ପୂର୍ବାହ୍ନରୁ ଜନ୍ମାଷ୍ଟମୀ ବ୍ରତ ରଖିଥିବା ମହିଳାମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଶ୍ରୀଚୈତନ୍ୟ ଆଶ୍ରମରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାମାନଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ସହ ସନ୍ଧ୍ୟାରେ ଭଜନ କୀର୍ତ୍ତନ, ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିକ୍ଷୟିତ୍ରୀ ଜୟନ୍ତୀ କରଶର୍ମା ଓ ଆଶ୍ରମର ସଦସ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଇସ୍କନ ମନ୍ଦିରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ରାଧାଗୋବିନ୍ଦ ଧାମରେ ଜନ୍ମାଷ୍ଟମୀ

ଭଣ୍ଡାରିପୋଖରୀ,୨୬।୮ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ରାଧାଗୋବିନ୍ଦ ଧାମଠାରେ ମୁଖ୍ୟ ପରିଚାଳକ ଶିକ୍ଷାବିତ୍ ରାମଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ପୂଜାର୍ଚ୍ଚନା ପରେ ଭକ୍ତମାନଙ୍କ ପକ୍ଷରୁ ଭଜନ କୀର୍ତ୍ତନ ଏବଂ ଝୁଲଣ ଆୟୋଜନ ହୋଇଥିଲା। ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

### ରାଧାକୃଷ୍ଣ ମନ୍ଦିର ଉତ୍ସବମୁଖର

ବାସୁଦେବପୁର,୨୬।୮ (ନାରାୟଣ ପ୍ରସାଦ ବାରିକ୍)

ଜନ୍ମାଷ୍ଟମୀ ଅବସରରେ ବାସୁଦେବପୁରର ବିଭିନ୍ନ ଅଞ୍ଚଳରେ ଥିବା ରାଧାକୃଷ୍ଣ ମନ୍ଦିର ଉତ୍ସବମୁଖର ହୋଇଛି। ଭଜନ କୀର୍ତ୍ତନ, ନାମ ସଂକୀର୍ତ୍ତନ, ରାଧାକୃଷ୍ଣ ବନ୍ଦନା ମନ୍ଦିରରେ ଗାନ କରାଯିବା ସହ ଜନ୍ମାଷ୍ଟମୀର କାହାଣୀ ପୁରୋହିତମାନେ ବର୍ଣ୍ଣନା କରିଥିଲେ। ବାଲିନଗରସ୍ଥିତ ଯାଦବ ପଡ଼ିଆରେ ଥିବା ରାଧାକୃଷ୍ଣ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସରସ୍ୱତୀ ଶିଶୁମନ୍ଦିର ଓ ଶିଶୁବିହାର ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର କୃଷ୍ଣ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ଯାଦବ ପଡ଼ିଆସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର କମିଟି ପକ୍ଷରୁ କୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯିବା ସହ କୃଷ୍ଣବେଶ ପ୍ରତିଯୋଗିତା କରାଯାଇଥିଲା। ସେହିପରି ଭୈରବପୁର ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି।

## ଶିଶୁ ବିଦ୍ୟାମନ୍ଦିରରେ ପାଳିଲେ ଜନ୍ମାଷ୍ଟମୀ



ବନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପିଲାମାନେ କୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।

ବନ୍ତ,୨୬।୮ (ହରିନାରାୟଣ ମହାନ୍ତି)

ବନ୍ତ ଓ ଆଗରପଡ଼ା ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ଜନ୍ମାଷ୍ଟମୀ ପାଳନ କରାଯାଇଛି। ବନ୍ତସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଆଚାର୍ଯ୍ୟ ସୁଧାଂଶୁ ଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପୁହାଣ ଯୋଗ ଦେଇଥିଲେ। ଏହି ଅବସରରେ ୭୩ ପିଲା ଶ୍ରୀକୃଷ୍ଣ ବେଶରେ ସଜ୍ଜିତ ହୋଇ ବଜାର ପରିକ୍ରମା କରିବା ସହ ଲକ୍ଷ୍ମୀନାରାୟଣ ମନ୍ଦିରଠାରେ ଦଧି ହାଣ୍ଡି ଭାଙ୍ଗିଥିଲେ। ସେହିପରି ଆଗରପଡ଼ା ଶିଶୁମନ୍ଦିରର ପ୍ରଧାନଆଚାର୍ଯ୍ୟ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁମନ୍ଦିର ସଭାପତି ଭାଗବତ ପ୍ରସାଦ ପଣ୍ଡା, ଉପସଭାପତି ଚିତ୍ତରଞ୍ଜନ ଉଦ୍‌ଗାତା, ସମ୍ପାଦକ ଅଶୋକ କୁମାର ପରିଡ଼ା ଓ ଯୁଗ୍ମ ସମ୍ପାଦକ ସୁବାସ ସାହୁ ଯୋଗ ଦେଇଥିଲେ। କୁନି କୁନି ପିଲାମାନେ ଶ୍ରୀକୃଷ୍ଣ ବେଶରେ ବଜାର ଓ ଜଗନ୍ନାଥ ମନ୍ଦିର ପରିକ୍ରମା କରିଥିଲେ। ସ୍ୱାଗତିକା ମହୁରୀ, ମିତାରାଣୀ ତ୍ରିପାଠୀ, ସରିତା ନାୟକ, ମୋନାଲିସା ନାୟକ, ଗିରିଶ ଚନ୍ଦ୍ର ମହାନ୍ତି, ବିବେକାନନ୍ଦ ସେଠୀ, ଅରୁଣ କୁମାର ନାୟକଙ୍କ ସହ ମାତୃ ମଣ୍ଡଳୀର ମା'ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଧାକୃଷ୍ଣ ବେଶ ପ୍ରତିଯୋଗିତା



ରାଧାକୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ର।

ଧାମନଗର,୨୬।୮ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଚୁଡ଼ାକୁଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। କୁନି କୁନି ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ଖବରଦାତା ଦୀନକୃଷ୍ଣ ମହାପାତ୍ର, ସଞ୍ଜୀବ ମହାନ୍ତି, ବିଶ୍ୱଜିତ ପଲାଇ ଓ ସାମାଜିକ କର୍ମୀ ଜନ୍ମେଜୟ ପାଗଳ ବିଚାରକ ଭାବେ ଯୋଗ ଦେଇଥିଲେ। ଶିଶୁମନ୍ଦିରର ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧାନକିଣାରେ କଟ୍‌ନି ଛଟ୍‌ନି, ଟଙ୍କା ଦିଆନିଆ ଅଭିଯୋଗକୁ ଖଣ୍ଡନକଲା ମିଲର ସଂଘ

ଭଦ୍ରକ,୨୬।୮ (ସନାତନ ରାଉତ)

ବିଧାନସଭାରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଧାନକିଣା ପ୍ରସଙ୍ଗରେ ମିଲରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଥିଲେ। ପୂର୍ବ ସରକାରଙ୍କ ସହ ମିଶି ଧାନକିଣାରେ କଟ୍‌ନି ଛଟ୍‌ନି, ଟଙ୍କା ଦିଆନିଆ ଓ ଚାଉଳ ଯୋଗାଣରେ ରି-ସାଇକ୍ଲିଂ କରାଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। ଓଡ଼ିଶା ରାଇସ୍ ମିଲର ଆସୋସିଏଶନର ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ରବିବାର ଭଦ୍ରକ ଗସ୍ତରେ ଆସିଥିବା ବେଳେ ସେ କହିଛନ୍ତି, ଚାଷୀମାନଙ୍କଠାରୁ ଧାନକିଣା ପାଇଁ ସରକାର ସମବାୟ ସମିତି, ପ୍ୟାକ୍ସ ଓ ସ୍ୱୟଂସହାୟିକା ଗୋଷ୍ଠୀକୁ ନିୟୋଜିତ କରିଛନ୍ତି। ସେମାନେ ସରକାରୀ ମଣ୍ଡି ଖୋଲି ଧାନ କିଣୁଥିବା ବେଳେ ଏଥିପାଇଁ ବିଭିନ୍ନ ପ୍ରକାର କଟକଣା ରହିଛି। ଧାନକିଣାରେ ମିଲରମାନଙ୍କ କୌଣସି ଭୂମିକା ନାହିଁ। ଟ୍ୟାଗ୍ ହୋଇଥିବା ସରକାରୀ ମଣ୍ଡିରୁ ମିଲରମାନେ ସେମାନଙ୍କ କୋଟା ଅନୁଯାୟୀ ଧାନ ଉଠାଇଥାନ୍ତି। ସରକାରଙ୍କ ଜଣେ ଅଥରାଇଜଡ୍ ଅଫିସରଙ୍କୁ ତତ୍ତ୍ୱାବଧାନ ପାଇଁ ନିଯୁକ୍ତି ଦିଆଯାଇଥାଏ। ସେ ରିଲିଜ କରିବା ପରେ ଖାଦ୍ୟ ଯୋଗାଣ ନିଗମ ଦ୍ୱାରା କିଣିଥିବା ଧାନକୁ ମିଲିଂକରି ଚାଉଳ ଯୋଗାଇ ଦିଆଯାଇଥାଏ। ମିଲରମାନେ ପ୍ରତ୍ୟକ୍ଷ ଭାବେ ଚାଷୀଙ୍କଠାରୁ ଧାନ କିଣିବାର କୌଣସି ସରକାରୀ ନିୟମ ନାହିଁ। ମିଲରମାନେ ଧାନ କିଣୁ ନ ଥିବାରୁ କଟ୍‌ନି ଛଟ୍‌ନିର କୌଣସି ପ୍ରଶ୍ନ ଉଠୁନାହିଁ। ଏହାବ୍ୟତୀତ ସରକାରଙ୍କ ଏତେ କଟକଣା ମଧ୍ୟରେ ରି-ସାଇକ୍ଲିଂ ଅସମ୍ଭବ ବୋଲି ସେ କହିଛନ୍ତି। ଏତେ ପରିମାଣର ଧାନ ରଖିବାକୁ ସରକାରଙ୍କ ପାଖରେ ଜାଗା ନ ଥିବାରୁ ମିଲରମାନଙ୍କ ଗୋଦାମରେ ରଖାଯାଇଥାଏ। ପରେ ସରକାରଙ୍କୁ ଚାଉଳ ଆକାରରେ ଫେରାଇ ଦିଆଯାଏ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯେଉଁ ମିଲର ଚାଉଳ ଫେରାଇ ନ ପାରିବେ, ସେହି ମିଲରଙ୍କୁ ଯୋଗାଣ ନିଗମ ପକ୍ଷରୁ ଧାନ ନେବାକୁ ଅନୁମତି ମିଳେ ନାହିଁ ବୋଲି ସେ କହିଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବନ୍ତ,୨୬।୮ (ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ନିଲୋକ ଗ୍ରାମର ତଥା ବସନ୍ତିଆ ମଇ ବିଦ୍ୟାଳୟର ପୂର୍ବତନ ସହକାରୀ ଶିକ୍ଷକ ସ୍ୱର୍ଗତ ପ୍ରଭାକର ପଣ୍ଡାଙ୍କ ସ୍ତ୍ରୀ ମନ୍ଦାକିନୀ ପଣ୍ଡା(୭୮)ଙ୍କ ସୋମବାର ପରଲୋକ ହୋଇଛି। ବୟସାଧିକ କାରଣରୁ ଗତ କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ମଝିଆ ପୁଅ ସୂର୍ଯ୍ୟନାରାୟଣ ମୁଖାଗ୍ନି ଦେଇଥିଲେ। ସେ ଭାଜପା କାର୍ଯ୍ୟକର୍ତ୍ତା ଶିବ ନାରାୟଣ ପଣ୍ଡାଙ୍କ ମା'। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ।

## ଭଦ୍ରକରୁ ମନୋନୀତ ୩ ଖେଳାଳି

**ଜାତୀୟସ୍ତରୀୟ ଉପକନିଷ୍ଠ ଟେନିକଏଟ୍ ପ୍ରତିଯୋଗିତା**



ଅର୍ଣ୍ଣବ ନାୟକ।



ଡି ଏସ୍ ଅଶ୍ୱିନ୍ ତନ୍ତୀ।



ପୀୟୂଷ ପ୍ରୀତମ ଦୀକ୍ଷିତ।

ଭଦ୍ରକ,୨୬।୮ (ସନାତନ ରାଉତ)

ଜାତୀୟସ୍ତରୀୟ ଉପକନିଷ୍ଠ ଟେନିକଏଟ୍ ପ୍ରତିଯୋଗିତା ପାଇଁ ଭଦ୍ରକ ଜିଲାରୁ ୩ ଖେଳାଳି ମନୋନୀତ ହୋଇଛନ୍ତି। ଜମ୍ମୁ ତାୱିର ଗ୍ରୀନ୍‌ସିଲ୍ଡ ଷ୍ଟାଡିୟମରେ ସେପ୍ଟେମ୍ବର ୩୦ରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ଅକ୍ଟୋବର ୪ରେ ସରିବ। ୧୪ ବର୍ଷରୁ କମ୍ ବର୍ଗରେ ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ୬ ବାଳକ ଖେଳାଳିଙ୍କ ନାମ ଘୋଷଣା କରିଛି। ଭଦ୍ରକ ଜିଲାରୁ ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ପୀୟୂଷ ପ୍ରୀତମ ଦୀକ୍ଷିତ, ଓଲଙ୍ଗ ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ଡି ଏସ୍ ଅଶ୍ୱିନ୍ ତନ୍ତୀ ଓ ଭଣ୍ଡାରିପୋଖରୀ ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ଅର୍ଣ୍ଣବ ନାୟକ ମନୋନୀତ ହୋଇଛନ୍ତି। ଜିଲା ଟେନିକଏଟ୍ ସଂଘର ସଭାପତି ଗୋଲକ ନାୟକ, ସମ୍ପାଦକ ମନୋଜ କୁମାର ସାହୁ, ସୁବାସ ଦିକ୍ଷୀତ, ଭବେଶ ଦାସ, ଚନ୍ଦନ ଦେ, ରାଜତିଲକ୍ ସ୍ୱାଇଁ, ସତ୍ୟଜିତ୍ ପରମାଣିକ, ଗୁରୁ ଚରଣ ପହି, ବିଶ୍ୱରଞ୍ଜନ ସାହୁ, ଲକ୍ଷ୍ମୀନାରାୟଣ ମହାନ୍ତି ଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ ସେମାନଙ୍କ ସଫଳତା କାମନା କରିଛନ୍ତି।

## ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ




ଭଦ୍ରକ,୨୬।୮ (ସନାତନ ରାଉତ)

ଭଦ୍ରକ ଗାନ୍ଧୀପଡ଼ିଆ ସତ୍‌ସଙ୍ଗ କେନ୍ଦ୍ରରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ପରିଷଦର ଓଡ଼ିଶା ପୂର୍ବ ପ୍ରାନ୍ତ ସତ୍‌ସଙ୍ଗ ପ୍ରମୁଖ ହରିହର ତ୍ରିପାଠୀ ଯୋଗଦେଇ କହିଥିଲେ, ସନାତନ ହିନ୍ଦୁ ଧର୍ମ, ସଂସ୍କୃତି, ମଠ ମନ୍ଦିର, ଗୋମାତା, ମାତୃଜାତି ଓ ଦେଶ ରକ୍ଷା ପାଇଁ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମତିଥିରେ ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ହୋଇଥିଲା। ଦେଶରେ ହିନ୍ଦୁ ସଙ୍ଗଠିତ ହୋଇ ରହିଲେ ଭାରତ ସଶକ୍ତ ହୋଇପାରିବ। ପରିଷଦର ପ୍ରାନ୍ତ ସହ ସତ୍‌ସଙ୍ଗ ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ରାଉତ, ଜିଲା ସମ୍ପାଦକ ବସନ୍ତ ରାଉତ ଓ ନଗର ସଭାପତି ସୁବାସ ମିଶ୍ର ମଞ୍ଚାସୀନ ଥିଲେ। ଜିଲା ଉପସଭାପତି ଟି. ରାଜଲକ୍ଷ୍ମୀ, ନିଧି ପ୍ରକୋଷ୍ଠ ପ୍ରମୁଖ ଶ୍ରୀକାନ୍ତ ତ୍ରିପାଠୀ, ସମ୍ପର୍କ ପ୍ରମୁଖ ବୃନ୍ଦାବନ ଜେନା, ବିଭାଗ ସମ୍ପର୍କ ପ୍ରମୁଖ ହରେକୃଷ୍ଣ ଜେନା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତ୍ରିଲୋଚନ ନାୟକ, ବରିଷ୍ଠ ଉପଦେଷ୍ଟା ନିରଞ୍ଜନ ସାହୁ, ବିଜୟ ଭୂଷଣ ନାୟକ, କୈଳାସ ଦାସ, ଶ୍ରୀକାନ୍ତ ଲେଙ୍କା, ସ୍ୱାଧୀନ ସୁନ୍ଦର ଦାସ, ବିଜୟ ଦାଶ, ପୁନିଲ ସାମନ୍ତ, ବିଦ୍ୟାଧର ସେନାପତି, ରଞ୍ଜନ ମହାନ୍ତି, ପାର୍ବତୀ ମିଶ୍ର, ଜ୍ୟୋତି ପ୍ରକାଶ ସାହୁ, ଉମାକାନ୍ତ ସାହୁ, ପ୍ରଦୀପ ପୁହାଣ, ବିଜୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ସ୍ୱର୍ଗତ ବିଜୟ ସାହୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସହସମ୍ପାଦକ ଶିବଶଙ୍କର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦର ସମ୍ପାଦକ ମାନସ ବାରିକ ଶାନ୍ତିପାଠ କରାଇଥିଲେ।

**ଚୋର ରାକେଟ ଠାବ ଘଟଣା**

# 'କିଣା ସାମଗ୍ରୀକୁ ଚୋରା ଦର୍ଶାଇଛି ପୋଲିସ'

**୬ ଜଣଙ୍କୁ ଧରି ୩ ଜଣଙ୍କୁ ଛାଡ଼ି ଦିଆଯାଇଥିବା ଅଭିଯୋଗ**

ତିହିଡ଼ି,୨୬।୮ (ସଞ୍ଜିତ ବଳ)

ତିହିଡ଼ି ଥାନା ପୋଲିସ ଠାବ କରିଥିବା ଚୋର ରାକେଟର ୩ଜଣଙ୍କୁ ଗିରଫ ପରେ ଗତ ୨୩ ତାରିଖରେ କୋର୍ଟଚାଲାଣ କରିଥିଲା। ଏଥିସହ ପୋଲିସ ବିଭିନ୍ନ ଚୋରା ସାମଗ୍ରୀ ମଧ୍ୟ ଜବତ କରିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲା। ତେବେ ସାବରଙ୍ଗ ଥାନା ଅଧୀନ ସେରପୁର ଗ୍ରାମର ସ୍ୱୟଂପ୍ରଭା ବାରିକ ନାମ୍ନୀ ମହିଳା ସୋମବାର ଅଲିନଗରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କିଣିଥିବା କିଛି ମୂଲ୍ୟବାନ ସାମଗ୍ରୀକୁ ପୋଲିସ ଜବତ କରି ଚୋରା ବୋଲି ଦର୍ଶାଇଥିବା ଅଭିଯୋଗ କରିଛନ୍ତି। ସେ ଘରେ ଅନୁପସ୍ଥିତ ଥିବା ସମୟରେ ପୋଲିସ ତାଙ୍କ ଘରେ ପଶି ଏଲ୍‌ସିଡି, ପାଣି ମଟର, ଫ୍ୟାନ୍, ଗ୍ୟାସ୍ ଚୁଲା ଆଦି ସାମଗ୍ରୀ ନେଇ ଯାଇଥିବା ଦର୍ଶାଇବା ସହ ଏସବୁ ସାମଗ୍ରୀର ବିଲ୍ ତାଙ୍କ ପାଖରେ ଥିବା କହିଛନ୍ତି। ତାଙ୍କ ଘରୁ କୌଣସି ଚୋରା ସାମଗ୍ରୀ ବାହାରି ନ ଥିଲେ ମଧ୍ୟ ବିରୋଧୀଙ୍କ କଥାରେ ପଡ଼ି ପୋଲିସ ତାଙ୍କ ନାଁରେ କେସ୍ କରିବାକୁ ଧମକ ଦେଉଛି। ଏପରିକି ପୋଲିସ ଭୟରେ ତାଙ୍କ ସ୍ୱାମୀ କେଉଁଆଡ଼େ ଚାଲି ଯାଇଥିବା ସ୍ୱୟଂପ୍ରଭା କହିବା ସହ ତାଙ୍କ ସ୍ୱାମୀଙ୍କର କିଛି ସମସ୍ୟା ହେଲେ ସେଥିପାଇଁ ପୋଲିସ ଦାୟୀ ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେ ଏନେଇ ଗତ ୨୩ ତାରିଖରେ ଏସ୍‌ପିଙ୍କ ନିକଟରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। କିଣା ସାମଗ୍ରୀକୁ ପୋଲିସ ତାଙ୍କ ଘରେ ଆଣି ଫେରାଇ ଦେବାକୁ ସେ ଦାବି କରିଛନ୍ତି।

ଅପରପକ୍ଷେ ସେରପୁର ଗ୍ରାମର ଦୀନବନ୍ଧୁ ଜେନା ଦର୍ଶାଇଛନ୍ତି ଯେ, ପୋଲିସ ଚୋରି କେସ୍‌ରେ ୬ଜଣଙ୍କୁ ଧରିଥିବା ବେଳେ ୩ଜଣଙ୍କୁ ଛାଡ଼ି ଦେଇଛି। ଯେଉଁମାନଙ୍କ ଘରୁ ଚୋରା ସାମଗ୍ରୀ ଜବତ ହୋଇଛି, ସେମାନେ ବିଭିନ୍ନ ଚୋରି ମାମଲାରେ ସମ୍ପୃକ୍ତ ଥିଲେ ବି ସେମାନଙ୍କୁ ଛାଡ଼ି ଦେବା ଯୋଗୁ ପୋଲିସର କାର୍ଯ୍ୟକଳାପ ସନ୍ଦେହ ପରିସରକୁ ଆସିଥିବା ସେ ପ୍ରକାଶ କରିଛନ୍ତି। ଗତ ୨୩ ତାରିଖରେ ସେ ମଧ୍ୟ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ସେମାନଙ୍କୁ ଗିରଫ ପାଇଁ ଦାବି ଜଣାଇଛନ୍ତି।



ଖବରଦାତା ସମ୍ମିଳନୀରେ ଅଭିଯୋଗକାରୀ।

ଏ ସମ୍ପର୍କରେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ କହିଛନ୍ତି ଯେ, ଅଭିଯୋଗକାରିଣୀ ମହିଳାଙ୍କ ଘର ପଛପଟେ ହିଁ ଚୋରମାନେ ମଞ୍ଚା କରି ରହୁଥିଲେ। ତାଙ୍କ ସ୍ୱାମୀ ଓ ଭାଇଙ୍କ ନାଁରେ ମଧ୍ୟ ଚୋରି ମାମଲା ରହିଛି। ଅଭିଯୁକ୍ତମାନେ ସୂଚନା ଦେବା ପରେ ବିଭିନ୍ନ ସ୍ଥାନରୁ ଚୋରି ସାମଗ୍ରୀ ଜବତ କରାଯାଇଥିଲା। ସେଥିରେ ଯଦି ମହିଳାଙ୍କ କିଣା ସାମଗ୍ରୀ ଥିବ, ତେବେ ବିଲ୍ ଦେଖାଇ ଥାନାରୁ ସେ ନେଇ ଯାଇପାରିବେ। ତେବେ ଚୋରିର ତଦନ୍ତ ପାଇଁ ୬ଜଣଙ୍କୁ ଥାନାକୁ ଅଣାଯାଇଥିଲା। ତଦନ୍ତ ପରେ ଯେଉଁମାନେ ଚୋରି ସହ ସମ୍ପୃକ୍ତ ସେମାନଙ୍କୁ ହିଁ ଗିରଫ କରାଯାଇଛି।

## କେନାଲ ବୁଡ଼ି ଚାଷୀ ଗୁରୁତର

ଛେନାପଦି,(ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମଠ ଖାଣ୍ଟପଦା ଗ୍ରାମର ଚାଷୀ ନିରାକାର ଭୂଇଁଆ କେନାଲରେ ବୁଡ଼ି ଗୁରୁତର ହୋଇଛନ୍ତି। ସେ ପାଣି ମଡ଼ାଇବା ପାଇଁ ବିଲକୁ ଯାଇଥିବା ବେଳେ ବିଲ ଶୁଖିଲା ପଡ଼ିଥିବା ଦେଖିଥିଲେ। ପାଣି ଆସୁ ନ ଥିବାରୁ ହୋମ୍ ପାଇପ ସଫା କରୁଥିବା ବେଳେ କେନାଲ ଭିତରକୁ ଖସିପଡ଼ିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଚାଷୀଙ୍କ ସହଯୋଗରେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

**କେନ୍ଦୁଝର**

## କୂଅରେ ପଡ଼ି ଶିଶୁ ମୃତ

ରାମଚନ୍ଦ୍ରପୁର,୨୬।୮(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ବରିପାଳ ପଞ୍ଚାୟତ ନୂଆ ବରିପାଳ ଗ୍ରାମରେ କୁଆରେ ପଡ଼ି ଶିଶୁଙ୍କ ମୃତ୍ୟୁ ହୋଇଛି। ମୃତକ ଗ୍ରାମର ରଙ୍ଗବତୀ ଚାଲମୁଚ୍ଛୁଙ୍କ ପୁଅ ବନମାଳୀ (୪)। ସେ ପାଖ ଦୋକାନକୁ କୁରୁକୁରି ପାଇଁ ଯାଇଥିଲେ। କୁରୁକୁରି ଆଣିବା ପରେ ସାହି ପିଲାଙ୍କ ସହ ଔପଦା ଅଙ୍ଗନଓ୍ୱାଡ଼ି କେନ୍ଦ୍ର ନିକଟକୁ ପଳାଇଯାଇଥିବା ବେଳେ ସେଠାରେ ଥିବା କୂଅରେ ଅସାବଧାନାବସତଃ ଖସି ପଡ଼ିଥିଲେ। ସାହି ପିଲା ପାଟି କରିବାରୁ ଗାଁ ଲୋକେ ବନମାଳୀଙ୍କୁ କୂଅରୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘସିପୁରା ପୋଲିସ ପହଞ୍ଚି ଏକ ମାମଲା(ନଂ.୪୮/୨୪)ରେ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସୁନିଲ କୁମାର କର କହିଛନ୍ତି।

# ଧାଡିଂସାହି ରାସ୍ତା ମରଣଯନ୍ତା

### ଜରୁରିକାଳୀନ ଗାଡ଼ି ଆସିପାରୁନି, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

କେନ୍ଦୁଝର,୨୬।୮(ଦୀପକ ମିଶ୍ର)

କେନ୍ଦୁଝର ଜିଲା ସଦର ବ୍ଲକ୍ ନରଣପୁର ପଞ୍ଚାୟତ ଧାଡିଂସାହି ରାସ୍ତା ମରଣଯନ୍ତା ପାଲଟିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରାସ୍ତା କାମ ହୋଇଥିଲା। ଦୀର୍ଘଦିନ ହେବ ଅଧାପନ୍ତରିଆ ହୋଇ ପଡ଼ି ରହିଥିବାରୁ ସାହିକୁ ଆମ୍ବୁଲାନ୍ସ ଆଦି ଜରୁରିକାଳୀନ ଗାଡ଼ି ପହଞ୍ଚିପାରୁନି। ଫଳରେ ସାହିବାସିନ୍ଦା ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତାଟି ବିପଦପୂର୍ଣ୍ଣ ହୋଇଥିବା ବେଳେ ପ୍ରତିଦିନ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, କେନ୍ଦୁଝର ସଦର ବ୍ଲକ୍ ନରଣପୁର ପଞ୍ଚାୟତ ଅନ୍ତର୍ଗତ ଧାଡିଂସାହି ଲକ୍ଷ୍ମୀମଣ୍ଡପ ଦେବାଶିଷଙ୍କ ଘରଠାରୁ ମୁନା ପ୍ରଧାନଙ୍କ ଘର ପର୍ଯ୍ୟନ୍ତ ଏମଜିଏନ୍ଆରଇଜିଏସ୍‌ରେ ରାସ୍ତା ଉନ୍ନତୀକରଣ କାମ ୨୦୨୩ ମେ' ୨୨ରେ



ଆରମ୍ଭ ହୋଇଥିଲା। ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ଅଦ୍ୟାବଧି ୩ ଲକ୍ଷ ୪୧ହଜାର ଟଙ୍କା ଖର୍ଚ୍ଚ ହୋଇଛି। ମୋଟ ୩୧ଟି ମଷ୍ଟର ରୋଲରେ ୨୭୭ ଶ୍ରମଜୀବୀଙ୍କ ଦ୍ୱାରା ୧୪୩୯ଟି ଶ୍ରମ ଦିବସ ସୃଷ୍ଟି ହୋଇଛି। ରାସ୍ତା ଉନ୍ନତୀକରଣ କାମ ଶେଷ ହେଉ ନ ଥିବାରୁ ଲୋକମାନେ ଯାତାୟାତରେ ନାନା ସମସ୍ୟା ଭୋଗୁଛନ୍ତି। ବର୍ଷାଦିନେ ରାସ୍ତା ଅଧିକ ଶୋଚନୀୟ ହୋଇପଡୁଥିବାରୁ ଗମନାଗମନରେ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଚାଲି ଚାଲି ଉକ୍ତ ରାସ୍ତାରେ ଯିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି, ରାସ୍ତା କାମରେ ବ୍ୟାପକ ଅନିୟମିତତା ହୋଇଛି। ଯେତିକି ଶ୍ରମ ଦିବସ ସୃଷ୍ଟି ହୋଇ ଶ୍ରମଜୀବୀଙ୍କ ବ୍ୟାଙ୍କ ଖାତାକୁ ମଜୁରି ବାବଦ ଅର୍ଥ ଦିଆଯାଇଛି ତାହା ବାସ୍ତବରେ କାମ ହୋଇନାହିଁ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ବ୍ରହ୍ମ କହିଛନ୍ତି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମ୍ୟାଟେରିଆଲ ବିଲ୍ ହେଉ ନ ଥିବାରୁ କାମ ଶେଷ ହେବାରେ ବିଳମ୍ବ ହେଉଛି। ମ୍ୟାଟେରିଆଲ ବିଲ୍ ମିଳିଲେ ମୋରମ ପକାଯାଇ କାମ ସମ୍ପୂର୍ଣ୍ଣ କରାଯିବ। ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସମୀର କବିଙ୍କ ସହ ଯୋଗାଯୋଗ କରିବାରୁ ବର୍ଷାଦିନ ପରେ କାମ କରାଯିବ ବୋଲି କହିଛନ୍ତି।

## ଧରଣୀଧର ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ




ଛାତ୍ରୀଙ୍କ ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଜିଲାପାଳ ଆଲୋଚନା କରୁଛନ୍ତି।

କେନ୍ଦୁଝର, ୨୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସୋମବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସି ଧରଣୀଧର ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରିଛନ୍ତି। ଗସ୍ତ ନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ନିକଟରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରଠାରେ ବିଶ୍ୱବିଦ୍ୟାଳୟର ଏକ ଉଚ୍ଚସ୍ତରୀୟ ଟିମ୍ ସହ ଆଲୋଚନା କରି ଭିତ୍ତିଭୂମୀ ଓ ଶିକ୍ଷାଦାନ ଆଦି ବିଷୟରେ ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ଅନୁଯାୟୀ, ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗସ୍ତ କରିଛନ୍ତି ବୋଲି କୁହାଯାଉଛି। ସେହିପରି ସେପ୍ଟେମ୍ବର ତୃତୀୟ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସ୍ଥିତି ସମୀକ୍ଷା କରିବାକୁ ଆସିଥିବା ଆଲୋଚନା ହେଉଛି। ତେବେ ସୋମବାର ସେ ଧରଣୀଧର ବିଶ୍ୱ ବିଦ୍ୟାଳୟର ନର୍ଥ ଏବଂ ସାଉଥ କ୍ୟାମ୍ପସ ପରିଦର୍ଶନ କରିବା ସମୟରେ ଜିଲାପାଳ ବିଶାଲ ସିଂ ଓ କୁଳପତି ପ୍ରଫେସର ଡ. ପ୍ରତାପ ମହାନ୍ତି ଉପସ୍ଥିତ ଥିଲେ। ଗସ୍ତ ବେଳେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ତାଙ୍କ ସହିତ ଆଲୋଚନା କରିଥିବା ଦେଖାଯାଇଥିଲା।

## ଦୁର୍ଗାପୂଜା ପାଇଁ ମାଟି ଉଠିଲା



ଢେଙ୍କିକୋଟ,୨୬।୮(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ପ୍ରସିଦ୍ଧ ଦୁର୍ଗାପୂଜା ଢେଙ୍କିକୋଟ ଦେବୀ ମଣ୍ଡପ, ଦୁର୍ଗା ପୂଜା କମିଟି ତରଫରୁ ସୋମବାର ପବିତ୍ର ଜନ୍ମାଷ୍ଟମୀ ତିଥିରେ ମା' ଦୁର୍ଗାଙ୍କର ମୃଣ୍ମୟ ପ୍ରତିମା ନିର୍ମାଣ ନିମନ୍ତେ ମାଟି ଉଠାଯାଇଛି। କମିଟିର ଉପଦେଷ୍ଟା ବୈଲୋଚନ ବେହେରା, ଉତ୍ତମ ନାୟକଙ୍କ ବଳିଷ୍ଠ ଉପଦେଶନୁଯାୟୀ ପୂର୍ବାହ୍ନ ୧୦ ଟା ୨୦ ମିନିଟ୍‌ରେ ଦେବୀ ମଣ୍ଡପରୁ ମା' ଦୁର୍ଗାଙ୍କୁ ସ୍ମରଣ ଓ ଯଥାବିଧି ପୂଜକଙ୍କ ଦ୍ୱାରା ପୂଜାପାଠ କରି ମାଟି ଉଠାଯାଇଛି।

## 'କେନ୍ଦୁଝର, ମୟୂରଭଞ୍ଜକୁ ନେଇ ଗଠନ ହେଉ ଉତ୍ତର ଓଡ଼ିଶା ବିକାଶ ପରିଷଦ'

### ସୀମା ନିର୍ଦ୍ଧାରଣ ଲାଗି ବୈଠକ

କେନ୍ଦୁଝର,୨୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ମା' ହୋଟେଲ ପ୍ରେକ୍ଷାଳୟ ଗୃହରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ରାଜନେତା ଓ ବୁଦ୍ଧିଜୀବୀଙ୍କୁ ନେଇ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ଉପରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଭୟ ଜିଲାରୁ ଶତାଧିକ ବୁଦ୍ଧିଜୀବୀ, ରାଜନେତା, ସାମାଜିକ କର୍ମୀ ଯୋଗଦେଇଥିଲେ। ନିଷ୍ପତ୍ତି ମୁତାବକ ଉତ୍ତର ଓଡ଼ିଶା ବିକାଶ ପରିଷଦ ଲାଗି ୨ ଜିଲାରେ କୋର୍ କମିଟି ଗଠିତ ହୋଇଛି। ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବାକୁ ମିଳିତ ନିଷ୍ପତ୍ତି ନିଆଯାଇଥିଲା। ଭୌଗୋଳିକ ସୀମା ନେଇ ଉପକୂଳ ଜିଲା ଭଦ୍ରକ, ବାଲେଶ୍ୱରକୁ ଏଥିରୁ ବାଦ୍ ଦେବାକୁ ଅନୁରୋଧ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ସଂସ୍କୃତି ଏବଂ ପରମ୍ପରା ସମାନ। ଏଠାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅତି




ବୈଠକରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ।

ପଛୁଆ ହୋଇ ଜୀବନଯାପନ କରୁଛନ୍ତି। ଏଥି ମଧ୍ୟରୁ ଅଧାରୁ ଅଧିକ ଆଦିବାସୀ ଅତି ଗରିବ। ପ୍ରସ୍ତାବିତ ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସୁନ୍ଦରଗଡ଼ ଜିଲାକୁ ମିଶାଇଲେ କାହାର ଆପତ୍ତି ନାହିଁ ବୋଲି ଆଲୋଚନା ହୋଇଥିଲା। ପୂର୍ବତନ ତେଲକୋଇ ବିଧାୟକ ପ୍ରାଣ ବଲ୍ଲଭ ନାୟକ ସଭାପତିତ୍ୱ କରିଥିଲେ। ପୂର୍ବତନ କେନ୍ଦୁଝର ସଦର ବିଧାୟକ ସୁବର୍ଣ୍ଣ ନାୟକ ସଭା ପରିଚାଳନା କରିଥିଲେ। ପୂର୍ବତନ ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଦ୍ୟାଧର ବେହେରା, କୃଷ୍ଣଚନ୍ଦ୍ର ମହାନ୍ତି, ଅଧ୍ୟାପକ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉତ୍ତର ଓଡ଼ିଶା ବିକାଶ ପରିଷଦକୁ ସ୍ୱୟଂ ଶାସନ କ୍ଷମତା ଦେବାକୁ ଦାବି ରଖିଥିଲେ। ଏକ ଟିମ୍ ମୁଖ୍ୟମନ୍ତ୍ରୀ ଓ ଟାସ୍କଫୋର୍ସ ଟିମ ସହ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା।

## ପଞ୍ଚାୟତ ସମିତି ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ନୋଟିସ୍

### ପରୀକ୍ଷା ନିୟମ ଖିଲାପ ଅଭିଯୋଗ

କେନ୍ଦୁଝର ୨୬।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ଅଞ୍ଚଳରେ ଥିବା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ପରୀକ୍ଷା ନିୟମ ଖିଲାପ ଅଭିଯୋଗରେ ଚମ୍ପୁଆ ଉପଜିଲାପାଳ ତଥା କଲେଜ କମିଟି ସଭାପତି ଉମାକାନ୍ତ ପରିଡ଼ା ନୋଟିସ୍ କରିଛନ୍ତି। ୭ ଦିନ ମଧ୍ୟରେ ଉତ୍ତର ଦେବାକୁ କହିଛନ୍ତି। ଏଥିସହ ଅଗଷ୍ଟ ୨୮ରେ ବ୍ୟକ୍ତିଗତ ହାଜର ହେବାକୁ ଅଧ୍ୟକ୍ଷଙ୍କୁ ଚିଠି କରାଯାଇଛି।

ଅଭିଯୋଗ ମୁତାବକ, ଯୁକ୍ତ ୩ର ୪ର୍ଥ ସେମିଷ୍ଟାର ପରୀକ୍ଷା ପୁରୁଣା ବୋହୂ ଦେଉଥିବା ବେଳେ ପରୀକ୍ଷା ନିୟମ ଖିଲାପ କରି ନିଜେ ଭାରପ୍ରାପ୍ତ ଅଧ୍ୟକ୍ଷ କୁଞ୍ଜ ବିହାରୀ ପ୍ରଧାନ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହିଥିଲେ। ଏଥିସହ ତାଙ୍କ ବଡ଼ଭାଇ ପରେଶ ଚନ୍ଦ୍ର ପ୍ରଧାନ (ଉକ୍ତ କଲେଜର ପୂର୍ବତନ କନିଷ୍ଠ କିରାଣୀ)ଙ୍କୁ ବିନା ଉପ ଜିଲାପାଳ ତଥା ସଭାପତିଙ୍କ ଅନୁମୋଦନରେ କାର୍ଯ୍ୟରେ ପୁନଃ ନିୟୋଜିତ କରିବା, ୨ ଘରୋଇ କଲେଜର ପରୀକ୍ଷା କେନ୍ଦ୍ର ତାଙ୍କ କଲେଜରେ କରି ଅହେତୁକ ଅନୁକମ୍ପା ପ୍ରଦର୍ଶନ, କଲେଜ ପରିସରରେ ଥିବା ପୁରୁଣା ଆକାଶିଆ ଗଛକୁ ବିନା ଅନୁମତିରେ କାଟି ଘରକୁ ନେଇଯାଇଥିବା ଏବଂ କଲେଜ ପରିଚାଳନାରେ ଅବହେଳା କରୁଥିବାରୁ ପାଠପଢ଼ାର ମାନ କମୁଥିବା, ବେଆଇନ ଭାବରେ କର୍ମଚାରୀ ନିଯୁକ୍ତି ଆଦି ଅଭିଯୋଗ ତାଙ୍କ ବିରୋଧରେ ହୋଇଥିଲା। ତେଣୁ ଉପ ଜିଲାପାଳ ଏହି ନୋଟିସ୍ କରି ୭ ଦିନ ମଧ୍ୟରେ ଉତ୍ତର ଦେବାକୁ କହିଛନ୍ତି। ଏ ନେଇ କୁଞ୍ଜ ବିହାରୀ ପ୍ରଧାନ କହିଛନ୍ତି, ସେ ଉପ ଜିଲାପାଳ ଦେଇଥିବା ନୋଟିସର ସମସ୍ତ ଉତ୍ତର ଦେଇଛନ୍ତି। ଉତ୍ତରରେ ସବୁ ସତ କଥା ଜଣାଇଛନ୍ତି। ଆସନ୍ତା ୨୮ ତାରିଖ ଦିନ ବ୍ୟକ୍ତିଗତ ହାଜର ହେବେ।

## ରାଧାଗୋବିନ୍ଦ ଫାଉଣ୍ଡେଶନ ପକ୍ଷରୁ ଚାରାରୋପଣ

ଛେନାପଦି,୨୬।୮(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାବଳେଶ୍ୱର ପଞ୍ଚାୟତରେ ରାଧାଗୋବିନ୍ଦ ଫାଉଣ୍ଡେଶନ ପକ୍ଷରୁ ଜମ୍ବରା ଓ ବାଲିପଦା ଗ୍ରାମ ନିକଟସ୍ଥ ବୈତରଣୀ ନଦୀ ପଠାରେ ଚାରାରୋପଣ କରାଯାଇଛି। ଫାଉଣ୍ଡେଶନର ସଭାପତି ପଞ୍ଚାନନ ମହାନ୍ତି ଓ ତାଙ୍କ ସ୍ତ୍ରୀ ସାଗରିକା ମହାନ୍ତିଙ୍କ ସଂଯୋଜନାରେ ସୁଶାନ୍ତ ଜେନା, ରାଜ କିଶୋର ପରିଡ଼ା, ସ୍ମୃତି ରଞ୍ଜନ ରାଉତ, ଦେବାଶିଷ ନାୟକ, ମହେଶ୍ୱର ରାଉତ, ମନୋଜ ମଲ୍ଲିକ, ଆକାଶ ବେହେରା, ସୌରୀରଞ୍ଜନ ମହାନ୍ତି, ସତ୍ୟବାନ ମାଝୀ, ପ୍ରତାପ ଦାସ, ଭାବଗ୍ରାହୀ ଜେନା, ରୁଦ୍ରପ୍ରତାପ ଦେଓ, ସନ୍ତୋଷ ମଲ୍ଲିକ, ଜିତେନ୍ଦ୍ର ମୁଦୁଲି ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ।

## ଚୋରା ଔଷଧ କାରବାର, ୨ ଗିରଫ

ଯୋଡ଼ା,୨୬।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ସୋମବାର ପୋଲିସ ଓ ଡ୍ରଗ୍ସ ବିଭାଗ ଚଢ଼ାଉ କରି ବିପୁଳ ପରିମାଣରେ ଚୋରା କାରବାର ହେଉଥିବା ଔଷଧ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ପଶ୍ଚିମ ଯୋଡ଼ା ମାଉସୀ ମା' ମନ୍ଦିର ଛକ ନିକଟରେ ଥିବା ଆରୋଗ୍ୟ ଔଷଧ ଦୋକାନ ମାଲିକ ତାପସ ପ୍ରଧାନ ଓ ଝୁମ୍ପୁଡ଼ି ହଟିଂଠାରେ ଲେଡିଜ କର୍ଣ୍ଣର କରିଥିବା ଏମ୍‌ଡି ହୁସେନ ବୋଲି ବଡ଼ବିଲ ଏସ୍‌ଡିପିଓ ପ୍ରୀୟ ରଞ୍ଜନ ଛୋଟରାୟ, କେନ୍ଦୁଝର ଡ୍ରଗ ଇନ୍ସପେକ୍ଟର ଅତିରିକ୍ତ ଦାୟିତ୍ୱରେ ଥିବା ରୁଦ୍ରନାରାୟଣ ସାହୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ, ଚଢ଼ାଉ ସମୟରେ ଅଭିଯୁକ୍ତଙ୍କଠାରୁ ବିପୁଳ ପରିମାଣର ଔଷଧ ଜବତ କରାଯାଇ ଏହାର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଉକ୍ତ ଔଷଧର କୌଣସି କ୍ରୟ ଜନିତ କାଗଜପତ୍ର ଦେଖାଇ ପାରି ନ ଥିଲେ। ଔଷଧଗୁଡ଼ିକୁ ଡାକ୍ତରଙ୍କ ବିନା ପରାମର୍ଶରେ ବିକ୍ରି କରା ଯାଉଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଜବତ ହୋଇଥିବା ପ୍ଲାଜ୍ମୋ ପ୍ରୋକ୍ସିଭନ ଔଷଧର ପରିମାଣ ୨୮,୨୬୪ ଗୋଟି କ୍ୟାପସୁଲ। ଏହି ଔଷଧରେ ଟ୍ରାମାଣ୍ଡଲ ହାଇଡ୍ରୋକ୍ଲୋରାଇଡ ଥାଏ। ଏହା ବ୍ୟକ୍ତିକୁ ମଦୁଆଲା ଓ ନିଦ୍ରା ଗ୍ରସ୍ତ କରିଥାଏ। ଏହି ଔଷଧ ମଧ୍ୟରେ ଏନ୍‌ଟେନ, ଡେଣ୍ଡ୍ରାଇଟ ଅଠା, କୋରେକ୍ସ ସିରପ ଖୁଲମ ଖୋଲା ବିକ୍ରି ହେଉଛି। ସୋମବାର ଏହି ମର୍ମରେ କେନ୍ଦୁଝର ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ କରାଯାଇଥିଲା। ଆଗକୁ ଏକ ସ୍ପେଶାଲ ସ୍କ୍ୱାର୍ଡ ସବୁ ଔଷଧ ଦୋକାନ ଏବଂ ନିଶା ଔଷଧ କାରବାର କରୁଥିବା ଦୋକାନ ଓ ଘରେ ରୀତିମତ ଚଢ଼ାଉ କରିବ ବୋଲି ଏସଡ଼ିପିଓ ପ୍ରିୟ ରଂଜନ ଛୋଟରାୟ ସୂଚନା ଦେଇଛନ୍ତି।

## ମା'ଙ୍କ ସ୍ମୃତିରେ ଚାରାରୋପଣ କଲେ ୨ ପୁଅ



ଆନନ୍ଦପୁର,୨୬।୮(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ମଦନପୁର ନିକଟସ୍ଥ କରଡ଼ାପାଳ ଗ୍ରାମର ୨ ଭାଇ ମା'ଙ୍କ ସ୍ମୃତିକୁ ସବୁଦିନ ବଞ୍ଚାଇ ରଖିବାକୁ ଚାରାରୋପଣ କରିଛନ୍ତି। ବଡ଼ ଭାଇ ଜଗମୋହନ ସାହୁ ବେଙ୍ଗାଲୁରୁରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିବା ବେଳେ ସାନଭାଇ ଉମେଶ ଚନ୍ଦ୍ର ସାହୁ ଓଡ଼ିଶା ପୋଲିସରେ ସିପାହୀ ଭାବେ କାର୍ଯ୍ୟରତ ଅଛନ୍ତି। ବର୍ଷେ ତଳେ ମା' ଅନ୍ନପୂର୍ଣ୍ଣା ଦେବୀଙ୍କୁ ହରାଇବା ପରେ ୨ ଭାଇ ମଦନପୁର ପଞ୍ଚାୟତ ଭଗାନଇ, ହସନପୁର ଓ କଡ଼ରାପାଳ ଗାଁର ପତିତ ଜମି, ନଦୀପଠା ଏବଂ ମନ୍ଦିର ପରିସରରେ ବିଭିନ୍ନ ଫଳ, ଫୁଲ ଏବଂ ଔଷଧୀୟ ଚାରାରୋପଣ କରୁଛନ୍ତି। ତାଙ୍କୁ ଗାଁର ଯୁବପିଢ଼ି ସହଯୋଗ କରିବାକୁ ଆଗେଇ ଆସିଛନ୍ତି। ଏଥିସହ ୨ ଭାଇ ମେଧାବୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ ଅଣ୍ଟା ଭିଡିଛନ୍ତି।

## ମନ୍ଦିର ଚଟାଣରେ ପଡ଼ି ପୂଜକ ଆହତ

ରାମଚନ୍ଦ୍ରପୁର,୨୬।୮(ଗଣେଶ୍ୱର ସା): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଦେଓଗାଁ କୁଶଳେଶ୍ୱର ମନ୍ଦିର ବରିଷ୍ଠ ପୂଜକ ହରେକୃଷ୍ଣ ଦାସ (୭୦), ପ୍ରମୋଦ ଦାସ(୫୨), ମନ୍ଦିର ଚଟାଣରେ ପଡ଼ି ଆହତ ହୋଇଛନ୍ତି। ଶ୍ରୀ କୁଶଳେଶର ମହାଦେବଙ୍କ ମନ୍ଦିରର ସୌନ୍ଦର୍ଯ୍ୟ ଏବଂ ବିକାଶ ନାମରେ ପୂର୍ବ ସରକାର ୪୦ ଲକ୍ଷ ଟଙ୍କା ବ୍ୟୟ କରିଥିଲେ। ମାତ୍ର ନିମ୍ନମାନର କାର୍ଯ୍ୟ ହୋଇ ବେଢ଼ାରେ ଶସ୍ତା ମାର୍ବଲ ପଡ଼ିଥିବାରୁ ସାମାନ୍ୟ ବର୍ଷା ହେଲେ ସେବାୟତଙ୍କ ଗୋଡ଼ ଖସି ଚଟାଣରେ ପଡ଼ି ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରି ମାର୍ବଲ ପଥରକୁ ପରିବର୍ତ୍ତନ କରିବାକୁ ମନ୍ଦିରର ସେବାୟତ ଏବଂ ଦେଓଗାଁ ବ୍ରାହ୍ମଣ ସମାଜର ଧର୍ମାନନ୍ଦ ପତି, ମଗୁଲି ଚରଣ ପଣ୍ଡା, କେଶବ କୃଷ୍ଣ ଆଚାର୍ଯ୍ୟ, ହଳଧର ଆଚାର୍ଯ୍ୟ, ଅକ୍ଷୟ ଦାସ, ରବିନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ ପଣ୍ଡା, ଆନନ୍ଦ ପାଣିଗ୍ରାହୀ ଦାବି କରିଛନ୍ତି।

## ମନମୋହିଲା କୁନି ପିଲାଙ୍କ ରାଧାକୃଷ୍ଣ ବେଶ



ଢେଙ୍କିକୋଟ,୨୬।୮(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲାର ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରୀଙ୍କ ରାଧାକୃଷ୍ଣ ବେଶ ଦେଖଣାହାରୀଙ୍କ ମନ ମୋହିଥିଲା। ଢେଙ୍କିକୋଟ୍ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୁନି କୁନି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଓ ରାଧା ବେଶଧାରୀ ବଜାର ସାହି ବସ୍ତି ଭ୍ରମଣ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶିଶୁବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ଦୁଃଖବନ୍ଧୁ ବାରିକ, ମୁଖ୍ୟ ବକ୍ତାଭାବେ ପରିଚାଳନା କମିଟିର ସମ୍ପାଦକ ତୃପ୍ତିରଞ୍ଜନ ସାହୁ, ସମ୍ମାନୀୟ ଅତିଥିଭାବେ ରୁଦ୍ରନାରାୟଣ ମହାନ୍ତ ଯୋଗଦେଇଥିଲେ।

**ପାଟଣା,(ବୀରକିଶୋର ଦାଶ):** ପାଟଣା ବ୍ଲକ୍ ମୁଖ୍ୟାଳୟରେ ଶ୍ରୀକୃଷ୍ଣ ଜନ୍ମ ଅଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳି ଦାନ ଦିବସ ବିଶ୍ୱହିନ୍ଦୁ ପରିଷଦ ତରଫରୁ ପାଳିତ ହୋଇଛି। ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଶ୍ରୀକୃଷ୍ଣ ଓ ଶ୍ରୀରାଧା ବେଶରେ ସୁସଜ୍ଜିତ ହୋଇ ରାମ ମନ୍ଦିରରୁ ଶୋଭାଯାତ୍ରାରେ ପାଟଣା ବଜାର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଶ୍ୱହିନ୍ଦୁ ପରିଷଦ ବ୍ଲକ୍ ସଭାପତି ସନାତନ ଦାଶ, ସମ୍ପାଦକ ଡମ୍ବରୁଧର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

**ଆନନ୍ଦପୁର,ଉମେଶ ଚନ୍ଦ୍ର ପାଢ଼ୀ):** ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ବୌଦ୍ଧିକ ମଣ୍ଡପଠାରେ ଜନ୍ମାଷ୍ଟମୀ ଉତ୍ସବ ଆୟୋଜିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନାଙ୍କ ସଭାପତିତ୍ୱରେ ସମିତିର ଉପ-ସଭାପତି ଜଗନ୍ନାଥ ସିଂ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର ଉପସ୍ଥିତ ଥିଲେ।

**ଚମ୍ପୁଆ,(ମହେଶ୍ୱର ଦାସ):** ଚମ୍ପୁଆ ସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ କୁନିକୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସରରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ମଧ୍ୟ ପାଳନ ହୋଇଥିଲା।

**କେନ୍ଦୁଝର,୨୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ):** ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ସହିତ ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ ପାଳନ ଉପଲକ୍ଷେ କେନ୍ଦୁଝର ମାଇନିଂ ରୋଡ଼ସ୍ଥିତ ଶ୍ରୀରାମ ମନ୍ଦିର ପରିସରରୁ ଶୋଭାଯାତ୍ରା ନଗର ପରିକ୍ରମା ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନା ଦିବସ ସଭାରେ ମୁଖ୍ୟ ଅତିଥିଭାବେ ସନ୍ଥ ଶ୍ରୁତି ସାଗର ଜୀ ମହାରାଜ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ କଲେଜ ରୋଡ୍ ଅବସ୍ଥିତ ବଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଶିଶୁମାନେ କୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ହାତୀ ଘର ଭାଙ୍ଗିଥିବା ପରିବାରକୁ ସହାୟତା

ପାଟଣା,୨୬।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୭ଦିନ ହେବ ୧୭ଟିକିଆ ବଣୁଆ ହାତୀପଲ୧୫ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ଏକର ଏକର ପରିମିତ ଧାନ, ମକା ଫସଲ ଉଜାଡି ଦେଇଛନ୍ତି। ରବିବାର ହାତୀପଲ ମଲ୍ଲିପଶି ବିଟ୍ ମୂଷା ଖୋରୀ ଗ୍ରାମ କାଶିଆ ସାହିର ଗଙ୍ଗା ମୁଣ୍ଡାଙ୍କ ଖପର ଘରକୁ ଭାଙ୍ଗି ଧାନ, ଚାଉଳ ଖାଇଯାଇଛନ୍ତି। ନିସାହରା ଗଙ୍ଗାଙ୍କୁ ବନ ବିଭାଗ ପକ୍ଷରୁ ରେଞ୍ଜର ବନବିହାରୀ ସର୍ଦ୍ଦାର ଓ ପାଟଣା ବନପାଳ ପିଅନ ନାଏକ ଏକ ତାର୍ପଲିନ ପ୍ରଦାନ କରିଥିବା ବେଳେ ମୂଷା ଖୋରୀ ସରପଞ୍ଚ ଭାମା ମଣି ଦାସ ଚାଉଳ ଯୋଗାଇ ଦେଇଛନ୍ତି। ସେହିଭଳି ଉକ୍ତ ସାହିର ଧମ୍ବରୁଧର ମହାନ୍ତଙ୍କ ମାଟିଘରକୁ ହାତୀ ପଲ ଭାଙ୍ଗି ଦେଇଛନ୍ତି। ହାତୀପଲ ସୋମବାର ସନ୍ଧ୍ୟାରେ ମୂଷାଖୋରୀ ଡିମାର୍କେଟେଡ ଫରେଷ୍ଟରେ ଡେରା ପକାଇଥିବା ବନପାଳ ପିଅନ ନାଏକ କହିଛନ୍ତି।

# ପେଟ ପାଇଁ ରଶିରେ ଚାଲୁଛି ବାଉଁଶରାଣୀ

ଢେଙ୍କିକୋଟ,୨୬।୮(ନୀଳମଣି ମଣ୍ଡଳ)

ରାସ୍ତାକଡ଼, ମୁଣ୍ଡଫଟା ଖରାରେ ଜଣେ କୁନି ପିଲା ହାତରେ ଏକ ବାଉଁଶ ଧରି ରଶି ଉପରେ ଚାଲି ଦୁଃସାହସିକ ଖେଳ ଦେଖାଉଛି। ଏହାକୁ ଦେଖି ଯେ ଯାହା ଖୁସିରେ ଦେଲେ ସେଥିରେ ପରିବାର ପ୍ରତିପୋଷଣ ହେଉଛି। କାଳକ୍ରମେ ଏଭଳି ଖେଳ ପ୍ରଦର୍ଶନ ବନ୍ଦ ହୋଇଯାଇଥିବା ବେଳେ କୋମଳ ବୟସରେ କେବଳ ପେଟ ପାଇଁ କଳା ପ୍ରଦର୍ଶନ କରିବାକୁ ବାଧ୍ୟ ହେଉଥିବା କୁନି ବାଉଁଶରାଣୀ କହିଛନ୍ତି।

ପ୍ରକାଶ ଯେ, ୨୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ କେନ୍ଦୁଝର ଜିଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଢେଙ୍କିକୋଟ ବଜାରରେ ସୋମବାର କୁନି ବାଉଁଶରାଣୀଙ୍କ ଖେଳ ଦେଖିବାକୁ



ବାଉଁଶରାଣୀ ରଶି ଉପରେ ଖେଳ ପ୍ରଦର୍ଶନ କରୁଛନ୍ତି।

ଭିଡ଼ ଜମିଥିଲା। ଏକ ଦଉଡ଼ି ଉପରେ ନିଜର ଭାରସାମ୍ୟ ମାଧ୍ୟମରେ ବିଭିନ୍ନ ଖେଳ ପ୍ରଦର୍ଶନ କରି ଜନସାଧାରଣଙ୍କୁ ସେ ଚକିତ କରିଦେଇଥିଲେ। ୨୦ ଫୁଟ୍ ଉଚ୍ଚରେ ଏକ ଦଉଡି ଉପରେ ହାତ ଛାଡ଼ି ଖେଳ ଦେଖାଉଥିଲେ। ଏହା ଦେଖି ଦର୍ଶକ ଖୁସିରେ ଅର୍ଥ ଦାନ କରୁଥିଲେ। ଶେଷରେ କୁନି ବାଉଁଶରାଣୀଙ୍କ ସହ ଆଲୋଚନା ସମୟରେ ଜଣାପଡ଼ିଥିଲା, ସେ ଛୋଟ ଥିବା ବେଳେ ତାଙ୍କ ବାପା ମୃତ୍ୟୁବରଣ କରିଛନ୍ତି। ମାଆଙ୍କଠାରୁ ପ୍ରେରଣା ଓ ତାଲିମ ପାଇ ସେ ପେଟ ପାଇଁ ବାଉଁଶରାଣୀ ସାଜି ବଜାର, ସାହି ବସ୍ତିରେ ବୁଲି ଖେଳ ଦେଖାଉଛନ୍ତି। ଯାହା ଅର୍ଥ ଉପାର୍ଜନ ହେଉଛି, ସେଥିରେ ପରିବାର ପ୍ରତିପୋଷଣ କରୁଛନ୍ତି। ଖେଳ ଦେଖି ଦର୍ଶକ ଯାହା ଅର୍ଥଦାନ କରନ୍ତି ତାହା ତାଙ୍କର ମୂଲ୍ୟ ହୋଇଥାଏ। ପାଠ କ'ଣ ଜାଣନ୍ତି ନାହିଁ ବୋଲି ବାଉଁଶରାଣୀ କହିଛନ୍ତି। ମାଆ ପିଙ୍କିରାଣୀ କୁହନ୍ତି, ଘର ଛତିଶଗଡ଼ର ରାଏଗଡ଼ ପଟେଲପାଲି ଗ୍ରାମରେ। ଝିଅକୁ ୨ ବର୍ଷ ହୋଇଥିବା ବେଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଗାଁରେ ଜମିବାଡ଼ି କିଛି ନାହିଁ। ମାମୁଙ୍କ ସହ ଓଡ଼ିଶା, ଛତିଶଗଡ଼ ବୁଲି ବଜାରରେ ଖେଳ ପ୍ରଦର୍ଶନ କରି ପେଟ ପୋସୁଛନ୍ତି। କୁନି ବାଉଁଶରାଣୀଙ୍କ ଭବିଷ୍ୟତ ଭଗବାନଙ୍କ ହାତରେ ବୋଲି କହିଛନ୍ତି।

**କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗର ଚଢ଼ାଉ, ଜଣେ ଗିରଫ**

ସୋର, ଜନ୍ମେଜୟ ମିଶ୍ର)-କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଆଇଆଇସି ଧୀରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ସୋର କଲେଜ ଛକରେ ଏକ ବାଇକକୁ ଅଟକାଇ ଥିଲେ। ସେଥିରେ ଏକ ଅଖାରେ ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ସହ ମଦକୁ ଜବତ କରିଥିଲେ। ସୋର ଥାନା ଶିଙ୍ଗାଖୁଣ୍ଟା ଗ୍ରାମର ବିକାଶ ଜେନାଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

**ବାଲେଶ୍ୱର**

## ସଂକ୍ଷେପରେ

### ଜନ୍ମାଷ୍ଟମୀରେ ଅଙ୍ଗନୱାଡି କେନ୍ଦ୍ରରେ ତାଲା

ଜଳେଶ୍ୱର, ୨୬।୮(ନବୀନ ସାହୁ)- ଜନ୍ମାଷ୍ଟମୀରେ ଅଙ୍ଗନୱାଡି କେନ୍ଦ୍ର ପାଇଁ ସରକାରୀ ଛୁଟି ଘୋଷଣା ହୋଇ ନ ଥିଲେ ମଧ୍ୟ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ପ୍ରାୟତଃ ଅଙ୍ଗନୱାଡି ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଫଳରେ ଶିଶୁମାନେ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହୋଇଥିଲେ। ଏ ସମ୍ପର୍କରେ ରାଇବଣିଆ ଓ ସର୍ଦ୍ଦାରବନ୍ଧରେ କାର୍ଯ୍ୟରତ ସୁପରଭାଇଜର ପାର୍ବତୀ ହେମ୍ବ୍ରମଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ବନ୍ଦ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଜଳେଶ୍ୱର ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଚମ୍ପାମଣୀ ମୁର୍ମୁଙ୍କୁ ପଚାରିବାରୁ କ୍ୟାଲେଣ୍ଡର ଦେଖିଲେ ଜଣାପଡ଼ିବ ଛୁଟି ଅଛି କି ନାହିଁ କହି ଫୋନ କଲ୍ କାଟି ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସ୍ୱର୍ଣ୍ଣଲେଖା ବେହେରାଙ୍କୁ ପଚାରିବାରୁ ଏ ବିଷୟରେ ବୁଝି ତଦନ୍ତ କରିବେ ବୋଲି କହିଥିଲେ।

### ଡିସେମ୍ବର ୧୯ରେ ରୌପ୍ୟ ଜୟନ୍ତୀ ସମାରୋହ

ରେମୁଣା, ୨୬।୮(ରବୀନ୍ଦ୍ର ମହାକୁଡ଼)- ବାଲେଶ୍ୱର ଜିଲା ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତ ଅଧୀନ ଶ୍ରୀ ଜଗନ୍ନାଥ ଏଜୁକେଶନାଲ ଫାଉଣ୍ଡେଶନ ପ୍ରାଙ୍ଗଣରେ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ରୌପ୍ୟଜୟନ୍ତୀ ସମାରୋହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୩ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାଗିରଥି ଜେନା ଏଥିରେ ସଭାପତିତ୍ୱ କରିଥିଲେ। ରୌପ୍ୟଜୟନ୍ତୀ ପରିଚାଳନା କମିଟି ସଭାପତି କମଳାକାନ୍ତ ଦାସ ଓ ସାଧାରଣ ସମ୍ପାଦକ ଅନିକେତ ଦାସ ଯୋଗଦେଇ ଏହି ସମାରୋହର କାର୍ଯ୍ୟସୂଚୀ ପ୍ରସ୍ତୁତ କରିଥିଲେ। ଆସନ୍ତା ଡିସେମ୍ବର ୧୯ରେ ଏହି ସମାରୋହ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଫାଉଣ୍ଡେଶନ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ, ଉଭୟ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ, ପୁରାତନ ଛାତ୍ର ସଙ୍ଗଠନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଇମାମୀ ଜଗନ୍ନାଥ ମନ୍ଦିର ପୂଜକଙ୍କ ପରଲୋକ

ବାଲେଶ୍ୱର, ୨୬।୮(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ରେମୁଣା ଇମାମୀ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ର (୪୫)ଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ୧୫ଦିନ ପୂର୍ବରୁ ସେ ଅସୁସ୍ଥ ଅନୁଭବ କରିଥିଲେ। ପରେ ସେ କ୍ୟାନ୍ସର ପୀଡ଼ିତ ଥିବା ଜଣାପଡ଼ିଥିଲା।



ଘରେ ଚିକିତ୍ସାଧୀନ ଥିବା ବେଳେ ରବିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ନାଳଦିଆ ଶାସନରେ ତାଙ୍କ ଘର। ତାଙ୍କର ସ୍ତ୍ରୀ ମନୋରମା ଆଚାର୍ଯ୍ୟ ଓ ଦୁଇ କନ୍ୟା ଅଛନ୍ତି। ସୋମବାର ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ମନ୍ଦିର ପ୍ରତିଷ୍ଠା ଦିବସରୁ ମୁଖ୍ୟ ପୂଜକ ଭାବେ କାର୍ଯ୍ୟରତ ଥିଲେ।

# ବସ୍ତିବାସିନ୍ଦାଙ୍କୁ ଥଇଥାନ ନେଇ ବିରୋଧ

## ‘ଜୀବନ ଯାଉ ପଛେ ବିସ୍ଥାପିତଙ୍କୁ ପୂରାଇ ଦେବୁ ନାହିଁ’




ପ୍ରତିବାଦରେ ସାମିଲ ମହିଳା ଓ ପୁରୁଷ।

**ବାଲେଶ୍ୱର, ୨୬।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରେମୁଣା ଏନ୍ଏସି ଅଧୀନ ବେଗମପୁର ଖେଳ ପଡ଼ିଆରେ ବାଲେଶ୍ୱର ସହରର ବସ୍ତି ବାସିନ୍ଦାଙ୍କୁ ଥଇଥାନ ନେଇ ବିରୋଧ କରାଯାଇଛି। ଜୀବନ ଯାଉ ପଛେ ଏହି ଗୋଚର ଜମି ଓ ଖେଳ ପଡ଼ିଆରେ ବାଲେଶ୍ୱରରୁ ବିସ୍ଥାପିତ ଲୋକଙ୍କୁ ପୂରାଇ ଦେବୁନାହିଁ ବୋଲି କହି ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ଜିଲା ପ୍ରଶାସନ ଓ ରେମୁଣା ତହସିଲଦାର ଗତ ୩ ଦିନ ତଳେ ବେଗମପୁରରେ ଥିବା ୧୨ଏକର ପରିମିତ ଗୋଚର କିସମ ଖେଳପଡ଼ିଆ ପରିଦର୍ଶନ କରିଥିଲେ। ବର୍ଷକ ତଳେ ଜିଲା ପ୍ରଶାସନ ବାଲେଶ୍ୱର ସହରର ଗଳା ପୋଲ ଓ ସହଦେବଖୁଣ୍ଟାର ଗୋଧିବସାରେ ରହୁଥିବା ୨ ଶହ ପରିବାରକୁ ଆଣି ବେଗମପୁର ଖେଳପଡ଼ିଆରେ ଥଇଥାନ କରିବାକୁ ଯୋଜନା କରିଥିଲେ। ମାତ୍ର ସେତେବେଳେ ୫ ନମ୍ବର ୱାର୍ଡର କାଉନସିଲର ଲକ୍ଷ୍ମୀକାନ୍ତ ଦାସ ଓ ୬ ନମ୍ବର ୱାର୍ଡ଼ର କାଉନସିଲର ପ୍ରମିଳା ଦାସଙ୍କ ନେତୃତ୍ୱରେ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଏହାକୁ ବିରୋଧ କରି ତତ୍କାଳୀନ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଫଳରେ ଏହା ସ୍ଥଗିତ ରହିଥିଲା। ଏବେ ପୁଣି ଜିଲା ପ୍ରଶାସନ ବେଗମପୁରର ଗୋଚର ଜମି ଉପରେ ନଜର ପକାଇଛି। ଏହି ନିଷ୍ପତ୍ତିକୁ ବିରୋଧ କରି ସୋମବାର କାଉନସିଲର ଲକ୍ଷ୍ମୀ କାନ୍ତ ଦାସଙ୍କ ନେତୃତ୍ୱରେ ୪ଟି ୱାର୍ଡ଼ର ପୁରୁଷ, ମହିଳା ଓ ଗ୍ରାମର ଖେଳାଳିମାନେ ସହରରୁ ଆଣି ବେଗମପୁରରେ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ନିଷ୍ପତ୍ତିକୁ ବିରୋଧ କରିଥିଲେ। ଏହି ପଡ଼ିଆରେ ପିଲାମାନେ ପ୍ରତିଦିନ ଫୁଟବଲ, କ୍ରିକେଟ ଆଦି ଖେଳିଥାନ୍ତି। ଏଥିସହ ଗୋରୁଙ୍କ ଚାରଣ ଭୂମି ଭାବେ ଏହି ପଡ଼ିଆ ବ୍ୟବହାର କରାଯାଉଛି। ତେଣୁ ଗ୍ରାମବାସୀ ଏହି ୧୨ ଏକର ୧୨ଡେସିମିଲ ଗୋଚର ଜମିରେ ବାଲେଶ୍ୱର ସହରର ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ରେମୁଣା ଏନ୍ଏସିରେ ୪୦ବର୍ଷ ହେଲା ଶହ ଶହ ପରିବାର ସରକାରୀ ଜମିରେ ଦୀନହୀନ ଭାବେ ପାଲ ମାରି ରହିଆସୁଛନ୍ତି। ସେମାନଙ୍କୁ ପ୍ରଶାସନ ଜମି ପଟ୍ଟା ନ ଦେଇ ବାଲେଶ୍ୱର ସହରର ବସ୍ତି ବାସିନ୍ଦାଙ୍କ ପାଇଁ ପ୍ରଶାସନ ତତ୍ପରତାକୁ ପ୍ରତିବାଦ କରାଯାଇଛି। ସେମାନଙ୍କୁ ବାଲେଶ୍ୱର ନିର୍ବାଚନମଣ୍ଡଳୀର ସରକାରୀ ଜମିରେ ଥଇଥାନ କରନ୍ତୁ ବୋଲି ଗ୍ରାମବାସୀ କହିଛନ୍ତି। ଏହି ପଡ଼ିଆର ସୀମା ଚାରିପଟେ ସବୁଜ ବନାନୀ ସୃଷ୍ଟି କରି ଏକ ଗ୍ରାମ୍ୟଜଙ୍ଗଲ ସୃଷ୍ଟି ହେବ। ଏଥିପାଇଁ ୩ ହଜାର ଚାରା ମଧ୍ୟ ପ୍ରସ୍ତୁତ ହୋଇଛି। ଏହି ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭାରେ କାଉନସିଲର ପ୍ରମିଳା ଦାସ ଓ ଜ୍ୟୋତିର୍ମୟୀ ନାୟକ, ଚିତ୍ତରଞ୍ଜନ ସାହୁ, ମନୋରଞ୍ଜନ ସାହୁ, କାଳୀଚରଣ ବିନ୍ଧାଣୀ, ନନିଆ ସିଂ, ରାକେଶ ଘୋଷ, ରବି ନାରାୟଣ ନାୟକ, ନରେନ୍ଦ୍ର ସେଠୀ, ମାନ ବିନ୍ଧାଣୀ, ଦୀନବନ୍ଧୁ ପୃଷ୍ଟି, ଯଶୋଦା ପୃଷ୍ଟି, ସବିତା ବିନ୍ଧାଣି ଓ କ୍ଷୀରମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷ୍ଣପ୍ରେମରେ ଭକ୍ତ ବିଭୋର



ଭୋଗରାଇ ଦେହୁର୍ଦ୍ଦା ହନୁମାନ ମନ୍ଦିରରେ ଷ୍ଟେଟ ବ୍ରିଗେଡ଼ ସ୍କୁଲର ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ।

**ଭୋଗରାଇ, ୨୬।୮(ପ୍ରଦୀପ ଦାସ)**

ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମତିଥିରେ ବିଭୋର ହୋଇଛନ୍ତି କୃଷ୍ଣପ୍ରେମୀ। ସବୁଠି ଭକ୍ତଙ୍କ ଉତ୍ସାହ ଓ ଉଦ୍ଦୀପନା। ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକଠାରେ ଅବସ୍ଥିତ ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ନିଆରା ଓ ଆକର୍ଷଣୀୟ ଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ଆକର୍ଷଣୀୟ ବେଶରେ ସଜେଇ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଦେଉଳା ଶିବ ମନ୍ଦିର, ନରସିଂହପୁର ଚଣ୍ଡୀ ମନ୍ଦିର ସହ ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ। ଭୋଗରାଇର ଶଙ୍ଖାରୀ ଗ୍ରାମସ୍ଥ ଶ୍ରୀ ରାଧା ଗୋପୀନାଥ ଇସ୍କନ ମନ୍ଦିରରେ ବିଶେଷ ଉତ୍ସବ, ଚନ୍ଦନେଶ୍ୱର ମନ୍ଦିର ପରିସରରେ ରାଧାକୃଷ୍ଣ ମନ୍ଦିର, ରାଧାଗୋବିନ୍ଦ ଓ ସହାବାଜିପୁର ଲକ୍ଷ୍ମୀନାରାୟଣ ମନ୍ଦିରରେ ଜନ୍ମାଷ୍ଟମୀ ପର୍ବ ଭକ୍ତି ଭାବନାକୁ ଉଜ୍ଜୀବିତ କରିଥିଲା। ଅପରପକ୍ଷରେ ଚନ୍ଦନେଶ୍ୱର ଓ ଜଳେଶ୍ୱରପୁରସ୍ଥିତ ଶିଶୁମନ୍ଦିର, ଦେବ ଇଣ୍ଟରନାଲ ଜାଭିଅର ସ୍କୁଲ, ବିଭିନ୍ନ ଘରୋଇ ସ୍କୁଲ ଏବଂ ଗୃହରେ ପୂଜାପାଉଥିବା ଆଣ୍ଠୁଆ ଗୋପାଳଙ୍କୁ ପୂଜା କରାଯାଇଥିଲା। ଥାନାଛକସ୍ଥିତ ସାନ ତେଘରୀ ଗ୍ରାମ ଶ୍ରୀକୃଷ୍ଣ ମଇଦାନରେ ୪ଦିନ ବ୍ୟାପୀ ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ଦହି ହାଣ୍ଡି ଭଙ୍ଗା ଉତ୍ସବ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।

# ୧୨୨ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ

## ‘ଦିବ୍ୟାଙ୍ଗ ମୁକ୍ତ ଭାରତ ଅଭିଯାନ’ ଉଦ୍‌ଯାପିତ

**ବାଲେଶ୍ୱର, ୨୬।୮(ବାଞ୍ଛାନିଧି ଦେ)**




ଜଣେ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପାଇଁ ଜିଲାପାଳ ସୁପାରିସ ପତ୍ର ପ୍ରଦାନ କରୁଛନ୍ତି।

ବାଲେଶ୍ୱର ରେମୁଣାସ୍ଥିତ ଇମାମୀ ପେପର ମିଲସ୍ ପକ୍ଷରୁ ଇମାମୀ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଦିବ୍ୟାଙ୍ଗ ମୁକ୍ତ ଭାରତ ଅଭିଯାନ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରମାର୍ଥ ନିକେତନ, ରିଷିକେଶ ଏବଂ କଲିକତା ମହାବୀର ସେବା ସଦନର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୨୨ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇମାମୀ ଗ୍ରୁପ୍ ଅଧ୍ୟକ୍ଷ ରାଧେଶ୍ୟାମ ଗୋୟେଙ୍କା, ମହାବୀର ସେବା ସଦନର ପୃଷ୍ଠପୋଷକ ଭି.କେ. ଭାଗ୍ରୋଡ଼ିଆ, ସଦନର ସଭାପତି ଭି.ଏସ. ଚୌରାସିଆ, ଇମାମୀ ପେପର ମିଲସ୍‌ର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା ଯୋଗଦେଇଥିଲେ। ମିଲସ୍‌ର ସାଧାରଣ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲାଙ୍କ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପରିଚାଳକ ମନୋଜ କୁମାର ପାଢ଼ୀ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡା, ଶ୍ରମିକ ନେତା ସୁଶାନ୍ତ କୁମାର ପଟ୍ଟନାୟକ, ଶୁଭେନ୍ଦୁ ଦାସ ମଙ୍ଗରାଜ, ପଦ୍ମଲୋଚନ ନାୟକ, ରିତେଶ ସିଂ, ଭବାନୀ ଶଙ୍କର ରାଉତ, ଭାବାନନ୍ଦ ଶତପଥୀ, ଜ୍ଞାନରଞ୍ଜନ ବେହେରା, ଜ୍ୟୋତିପ୍ରକାଶ ବେହେରା, ମାନସ ଜେନା ଓ ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଇମାମୀ ପକ୍ଷରୁ ଦେବବ୍ରତ ହୋତା, ବୀରେନ୍ଦ୍ର ନାୟକ, ଜିତେନ୍ଦ୍ର ଉପାଧ୍ୟାୟ, ବିଚିତ୍ର ସ୍ୱାଇଁ, ଫାର୍ମାସିଷ୍ଟ ଅମିର ଉଦ୍ଦିନ ଖାନ ଓ ଅକ୍ଷୟ କିଶୋର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର

କାଳିପଦା, ୨୬।୮(ରାଜଶ୍ରୀ ପାଣିଗ୍ରାହୀ)-ବାଲିଆପାଳ ବ୍ଲକ ଅଧୀନ ଖପରାପଦାସ୍ଥିତ କ୍ଷୀରଦା ବିହାର ସରସ୍ୱତୀ ଶିଶୁ ମନ୍ଦିରରେ ସୋମବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଶିଶୁ ମନ୍ଦିର ପ୍ରାଣ ପ୍ରତିଷ୍ଠାତା ଅବସରପ୍ରାପ୍ତ ସେନାଧିକାରୀ ମାନସ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁନି କୁନି ଝିଅପୁଅ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଧା, କୃଷ୍ଣ, ବଳରାମ, କଂସ, ଚାରୁଣ, ମୁଷ୍ଟିକ ବେଶ ଧାରଣ କରିଥିଲେ। ବିଚାରକ ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ବିଜୟ କୁମାର ଦେ, ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ବଂଶୀଧର ସାହୁ ପ୍ରମୁଖ ପ୍ରତିଭାର ମୂଲ୍ୟାୟନ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ପ୍ରଭାତ ଫେରି କରି ଶ୍ରୀରାମପୁର ଗ୍ରାମର ଶ୍ରୀରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ସେଠାରେ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।

# ରାଧା ମଦନମୋହନ ମନ୍ଦିରରେ ଜନ୍ମାଷ୍ଟମୀ

**ବାଲିଆପାଳ, ୨୬।୮(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ରାଧା ମଦନମୋହନ ମନ୍ଦିରରେ ସୋମବାର ଇସ୍କନ ବୈଷ୍ଣବ ମତ ଅନୁସାରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଅପରାହ୍ନରେ ଏକ ସଙ୍କୀର୍ତ୍ତନ ମଣ୍ଡଳୀ ସହିତ ବହୁ ମହିଳା ପୁରୁଷ ସନାତନ ଭକ୍ତମାନେ ମହାମନ୍ତ୍ର ନାମ ଉଚ୍ଚାରଣ ପୂର୍ବକ ରାଧା ମଦନମୋହନ ମନ୍ଦିରରୁ ଏକ ଭକ୍ତିମୟ ପଟୁଆରରେ ବାହାରି ପରୁଳିଆ ଛକ, ବ୍ଲକ ଛକ, ସିମୁଳିଆ ବଜାର, ବାଲିଆପାଳ ଜଗନ୍ନାଥ ମନ୍ଦିର ସହିତ ଆଖପାଖ ନଗର ପରିକ୍ରମା କରି ମନ୍ଦିରକୁ ଫେରିଥିଲେ। ନଗର ପରିକ୍ରମା ପରେ ମନ୍ଦିରରେ ସନ୍ଧ୍ୟା ଆରତୀ ଶେଷ ପରଠାରୁ ମଧ୍ୟରାତ୍ର ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ଜନ୍ମ ସମୟ ପର୍ଯ୍ୟନ୍ତ ମାୟାପୁରର ଆସିଥିବା ବ୍ରହ୍ମଚାରୀଙ୍କ ଦ୍ୱାରା ଅଖଣ୍ଡ ନାମ ସଙ୍କୀର୍ତ୍ତନ ଓ ହରି କଥା ଆଲୋଚନା ହୋଇଥିଲା। ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ମନ୍ଦିରରେ ଅଧିଷ୍ଠିତ ମଦନମୋହନଙ୍କୁ ଅଭିଷେକ କରାଯାଇଥିଲା। ଅଭିଷେକ ପରେ ଭକ୍ତମାନେ ଅନୁକଳ୍ପ ପ୍ରସାଦସେବନ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ବିଭିନ୍ନ ବିଦ୍ୟାଳୟର କୁନିକୁନି ପିଲାଙ୍କ ଦ୍ୱାରା ଶ୍ରୀକୃଷ୍ଣଙ୍କ ବିଭିନ୍ନ ବେଶ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗୀମାନେ ପ୍ରସାଦସେବନ କରିଥିଲେ।

# ରାଧାକୃଷ୍ଣ ବେଶ, ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା



**ଖଇରା, ୨୬।୮(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଜନ୍ମାଷ୍ଟମୀ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଛି। ପିଲାମାନେ ରାଧାକୃଷ୍ଣ ବେଶରେ ବଜାର ପରିକ୍ରମା କରିଥିଲେ। ପିଲାମାନଙ୍କ ମଧ୍ୟରେ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା ବେଶ ଚିତ୍ତାକର୍ଷକ ଥିଲା। ସାରଡାଙ୍ଗ ପଞ୍ଚାୟତ ଅଲିପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପରିଚାଳନା କମିଟି ସଭାପତି ନିରଞ୍ଜନ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରଧାନଆଚାର୍ଯ୍ୟ ଜୟନ୍ତୀ ମାଝୀ ସ୍ୱାଗତ ଭାଷଣ, ସିଆରସିସି ଲମ୍ବୋଦର ନନ୍ଦ ମୁଖ୍ୟଅତିଥି, ଡା. ଉପେନ୍ଦ୍ର ପ୍ରସାଦ ଖଟୁଆ ମୁଖ୍ୟବକ୍ତା ଓ କୈବଲ୍ୟ ମାଝୀ ଭାଗବତ ପାଠ କରିଥିଲେ। ଖଇରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାଧାକୃଷ୍ଣ ବେଶରେ ଆସିଥିବା ୬୫ଜଣ ପିଲାଙ୍କୁ ବନ୍ଦାପନା କରାଯିବା ସହ ବଣପାରିଆସ୍ଥିତ ପ୍ରଜ୍ଞାପୀଠରେ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଧାନାଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ, ଗୁରୁମା ପୁଷ୍ପାଞ୍ଜଳି ସାମଲ, ବନ୍ଦନା ପ୍ରଧାନ, ସାବିତ୍ରୀ ପଣ୍ଡା, କ୍ରିଷ୍ଣାରାଣୀ ହାତୀ, ଦିପାଞ୍ଜଳୀ ବେହେରା, ଗୁରୁଜୀ ଷ୍ଟାଲିନ ରାଉତ, କାର୍ତ୍ତିକ ମୁଦୁଲି, ପୂର୍ଣ୍ଣଚନ୍ଦ୍ର ସାହୁ, ପୀୟୁଷ ରାଉତ ଓ ଭରତ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ସାବିତ୍ରୀ ବେହେରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଗୁରୁଜୀ ବଳରାମ ଲେଙ୍କା, ପ୍ରଭାକର ଓଝା, ଶୁକଦେବ ପରିଡା, ପଙ୍କଜ ମହାନ୍ତି, ଗୁରୁମା ଅହଲ୍ୟା ପାଣିଙ୍କ ତତ୍ତ୍ୱାବଧାନରେ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା ହୋଇଥିଲା।

# ଆଶାକର୍ମୀଙ୍କ କାଗଜପତ୍ର ଛଡ଼ାଇ ନେଲେ ଏସ୍ଏଚ୍‌ଜି ମହିଳା

ଜଳେଶ୍ୱର, ୨୬।୮(ନବୀନ ସାହୁ)-ଜଳେଶ୍ୱର ବ୍ଲକ ରାଇବଣିଆ ପଞ୍ଚାୟତ କବାଟଘାଟି ଗାଁର ଆଶା କର୍ମୀ ଇଲା ସିଂ ୬ମାସ ଅନୁପସ୍ଥିତ ରହିବା ପରେ କାର୍ଯ୍ୟରେ ଯୋଗଦେଇ ସର୍ଭେ ଆରମ୍ଭ କରିବାରୁ ଗ୍ରାମର କେତେକ ଏସଏଚଜି ମହିଳାମାନେ ସର୍ଭେ ଖାତା ଛଡାଇ ନେଇଥିଲେ। ଏନେଇ ଆଶା କର୍ମୀ ସିଂ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଅଜୟ ସାହୁଙ୍କୁ ଜଣାଇଥିଲେ। ସେ ଆସନ୍ତା ବୁଧବାର ଗ୍ରାମବାସୀ, ଜନପ୍ରତିନିଧି, ଆଶା ସଂଘ ଓ ଉଚ୍ଚ ଅଧିକାରୀଙ୍କ ସହ ଏକ ବୈଠକ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ଆଶାକର୍ମୀ ସିଂଙ୍କ ଅନୁପସ୍ଥିତି ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ୬ ମାସରୁ ଅଧିକ ଦିନ ଧରି କବାଟଘାଟି ଗ୍ରାମବାସୀ ଆଶାକର୍ମୀଙ୍କ ସେବାରୁ ବଞ୍ଚିତ ଥିଲେ। ବାଉଁଶବଣୀ ଗାଁର ଆଶା କର୍ମୀ ସୁମିତ୍ରା ପାତ୍ର ଏବଂ ସର୍ଦ୍ଦାରବନ୍ଧ ପଞ୍ଚାୟତ ରାଉତରାଇପୁର ଆଶା କର୍ମୀ ଗୀତାଞ୍ଜଳି ସାମଲ ସେବା ଯୋଗାଇ ଆସୁଥିଲେ। ଯେତେବେଳେ ଆଶା କର୍ମୀ ଇଲା ସିଂ ୬ ମାସ ପରେ ଏପ୍ରିଲରେ ଗାଁକୁ ଫେରି କାର୍ଯ୍ୟ ଆରମ୍ଭ କଲେ ଗ୍ରାମବାସୀ ତାଙ୍କୁ କାର୍ଯ୍ୟରୁ ବାହାର କରିବା ପାଇଁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ହେଲେ ଆଶାକର୍ମୀ ସିଂ ତାଙ୍କ କାର୍ଯ୍ୟ ଜାରି ରଖିଥିଲେ। ରବିବାର ପୂର୍ବାହ୍ନ ୧୦ଟା ବେଳେ କବାଟଘାଟି ଗ୍ରାମରେ ଇଲା ସିଂ ସର୍ଭେ କରୁଥିବା ବେଳେ କେତେକ ଏସଏଚଜି ମହିଳାମାନେ ମିଶି ଆଶାକର୍ମୀଙ୍କ ସର୍ଭେ ଖାତାଗୁଡ଼ିକୁ ଛଡାଇ ରଖିଥିଲେ। ଆଶା କର୍ମୀ ଇଲା ସିଂ କହିଛନ୍ତି, ତାଙ୍କ ସ୍ୱାମୀଙ୍କୁ ପକ୍ଷାଘାତ ରୋଗ ହୋଇଥିବାରୁ ଚିକିତ୍ସା ପାଇଁ ସେ ଡାକ୍ତରଖାନାରେ ରହୁଥିଲେ। ଏ ସମ୍ପର୍କରେ ସେ ପୂର୍ବତନ ଗୋଷ୍ଠୀ ଚିକିତ୍ସା ଅଧିକାରୀଙ୍କୁ ଜଣାଇଥିଲେ। ସେ ଗତ ଏପ୍ରିଲରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଛୁଟିରେ ଥିବାରୁ ସମସ୍ତ କାଗଜପତ୍ର ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଅଜୟ ସାହୁଙ୍କୁ ପ୍ରଦାନ କରିଥିଲେ। ତାଙ୍କ ଅନୁପସ୍ଥିତି ସମୟରେ କେହି ଯେପରି ହଇରାଣ ନ ହୁଅନ୍ତୁ ଦୁଇଟି ଆଶାଙ୍କୁ ଦାୟିତ୍ୱ ଦେଇଯାଇଥିଲେ ବୋଲି କହିଥିଲେ।

# ମନ୍ମଥ, ଜ୍ୟୋତିରଞ୍ଜନଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର

## ନୀଳମଣି ମହାବିଦ୍ୟାଳୟକୁ ସଫଳତା

**ବାଲେଶ୍ୱର, ୨୬।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମନ୍ମଥ ଦଳେଇ ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଜ୍ୟୋତିରଞ୍ଜନ ବରଙ୍କୁ ରାଷ୍ଟ୍ର ନିର୍ମାଣ, ସ୍ୱେଚ୍ଛା ରକ୍ତଦାନ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ପ୍ରଦାନ ସମାରୋହରେ ଏଫଏମ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ ମନ୍ମଥ, ଜ୍ୟୋତିରଞ୍ଜନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଛନ୍ତି। ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମର ସଭାପତି ସତ୍ୟବ୍ରତ ନାୟକ, ପ୍ରାକ୍ତନ ରାଜ୍ୟସଭା ଏମ୍ପି ରାମଚନ୍ଦ୍ର ଖୁଣ୍ଟିଆ, ଭାରତୀୟ ବାୟୁସେନାର ପ୍ରାକ୍ତନ ଏୟାର ଭାଇସ ମାର୍ଶାଲ ମହାରାଜା ମହନ୍ତ, ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ପର୍ଯ୍ୟବେକ୍ଷକ ପତ୍ରିକାର ମୁଖ୍ୟ ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ ପ୍ରମୁଖ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଏଫ୍ଏମ୍‌ୟୁର ଜାତୀୟ ସେବା ଯୋଜନା ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ନୀଳମଣି କଲେଜ ଅଧ୍ୟକ୍ଷ ଡ. ତପନ କୁମାର ବେହେରା, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଜିଲା ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ସୁଧୀର ମୁଦୁଲି ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

# କଟକଣା ସତ୍ତ୍ୱେ ଯାତାୟାତ କରୁଛି ଭାରିଯାନ

## ଅସୁରକ୍ଷିତ ଟାଙ୍ଗଣା ପୋଲ

**ନୀଳଗିରି, ୨୬।୮(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ଶେରଗଡ଼-ନୀଳଗିରି ଦେଇ (କପ୍ତିପଦା) ମୟୂରଭଞ୍ଜକୁ ଯାଇଥିବା ୧୯ନଂ. ରାଜ୍ୟ ରାଜପଥର ଝରଣାଘାଟିଠାରେ ଥିବା ଟାଙ୍ଗଣା ପୋଲ ଅସୁରକ୍ଷିତ ହୋଇପଡ଼ିଛି। ସୁରକ୍ଷା କାରଣରୁ ପୂର୍ବରୁ ଭାରିଯାନ ଚଳାଚଳ ଉପରେ ପୂର୍ତ୍ତ ବିଭାଗର କଟକଣା ଲଗାଇଥିଲେ ସୁଦ୍ଧା ଉଲ୍ଲଂଘନ କରି ନିୟମିତ ଭାରିଯାନ ଯାତାୟାତ କରୁଛି। ଏବେ ବର୍ଷା ଋତୁ ହୋଇଥିବାରୁ ଅଘଟଣ ଘଟିବାର ଆଶଙ୍କା ରହିଛି। ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବାଲେଶ୍ୱର-ନୀଳଗିରି ଉପକଣ୍ଠରେ ରହିଥିବା ଏହି ଟାଙ୍ଗଣା ପୋଲ ଅନେକ ବର୍ଷ ତଳେ ରାଜା-ରାଜୁଡା ସମୟରେ ପଥର ପିଲରରେ ନିର୍ମାଣ ହୋଇଥିଲା। ସମୟକ୍ରମେ ଏହି ପୋଲର ମଝି ପିଲର ସବୁ ଦୁର୍ବଳ ହୋଇପଡ଼ିଛି। ବର୍ତ୍ତମାନ ଏହି ପୋଲ ଜରାଜୀର୍ଣ୍ଣ ଅସୁରକ୍ଷିତ ଅବସ୍ଥାରେ ରହିଥିବା ବେଳେ ପୋଲ ତଳ ଭାଗରେ ଅବସ୍ଥା ଖରାପ ସହ କିଛି ସ୍ଥାନରେ ପାଣି ଗଳୁଛି। ପୂର୍ବରୁ ପୋଲ ନିର୍ମାଣ ପାଇଁ ଗତ ୨୦୧୬ ଡିସେମ୍ବର ୨୬ ତାରିଖରେ ପୂର୍ତ୍ତ ବିଭାଗ ତରଫରୁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଠିକାଦାର ଡାଇଭର୍ଶନ ରାସ୍ତା କାର୍ଯ୍ୟ ଆରମ୍ଭ କରିଥିବା ବେଳେ କୌଣସି କାରଣରୁ କାମ ଛାଡି ପଳାଇଥିଲେ। ଗତ ୨୦୧୮ରେ ଉକ୍ତ କାର୍ଯ୍ୟର ଟେଣ୍ଡର ବାତିଲ୍ ହୋଇଥିଲା। ଉକ୍ତ ଠିକାଦାରଙ୍କୁ ବ୍ଲାକଲିଷ୍ଟ କରାଯାଇଥିଲା। ଏ ନେଇ ନୀଳଗିରି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କୁ ପଚରାଯିବାରୁ ସେ କହିଛନ୍ତି, ସାନି ଟେଣ୍ଡର ହୋଇସାରିଛି। ଆସନ୍ତା ସପ୍ତାହ ଏଗ୍ରିମେଣ୍ଟ ହେବ। ବର୍ଷା ଋତୁ ପରେ ଠିକା ସଂସ୍ଥା ପକ୍ଷରୁ ପୁରାତନ ପୋଲ ନିକଟରେ ନୂତନ ପୋଲର କାର୍ଯ୍ୟ ଆରମ୍ଭ ହେବ। ପୋଲ ଅସୁରକ୍ଷିତ ଅବସ୍ଥାରେ ଥିବାରୁ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ଉଭୟ ପାର୍ଶ୍ୱରେ ପୁଣି ବ୍ୟାନର ଲଗାଯିବ ବୋଲି କହିଥିଲେ।



ଅସୁରକ୍ଷିତ ଟାଙ୍ଗଣା ପୋଲ।

# ବିଦ୍ୟାଳୟରେ କୃଷ୍ଣବେଶ ପ୍ରତିଯୋଗିତା



ସୋର, ୨୬।୮(ଜନ୍ମେଜୟ ମିଶ୍ର)-ସୋର ମାଟିଆପହ୍ଣ ଛକ ଈଶ୍ୱରପୁରଠାରେ ଥିବା ଭାରତୀୟ ବିଦ୍ୟାନିକେତନ ବିଦ୍ୟାଳୟରେ ଜନ୍ମାଷ୍ଟମୀ ଅବସରରେ କୃଷ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୨ଜଣ କୁନି ପ୍ରତିଯୋଗୀ କୃଷ୍ଣ ବେଶରେ ସଜ ହୋଇ ଭାଗନେଇଥିଲେ। ଜନ୍ମାଷ୍ଟମୀ ଅବସରରେ ପ୍ରତିଯୋଗୀମାନଙ୍କୁ ପ୍ରଶ୍ନ ପଚରାଯାଇଥିଲା। ବିଦ୍ୟା ନିକେତନର ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଗୁରୁମା ଓ ଗୁରୁଜୀ ରାଜଲକ୍ଷ୍ମୀ ରାଉତ, ଅରୁଣଧାତ୍ରୀ ପଣ୍ଡା, ରାଜେଶ ପାତ୍ର, ମନ୍ମଥ ପଣ୍ଡା ଓ ଚନ୍ଦନ ଦାସ ପ୍ରମୁଖ ସହଯୋଗ କରିଥିଲେ।

